ଧରିତ୍ରୀ
DHARITRI
December 23-29, 2018 ₹ 2/-

# ଛୁଟିଦିନ



୩
ପ୍ରଚ୍ଛଦ ପ୍ରସଙ୍ଗ

# ସାହେବୀ ଠାଣି ଓଡ଼ିଆ ଚଳଣି

ଚେହେରା ଓ ବଂଶ ପରମ୍ପରାରେ ଏମାନେ ଆଙ୍ଗ୍ଲୋଇଣ୍ଡିଆନ୍, କିନ୍ତୁ ମନ ମିଶିଯାଇଛି ଓଡ଼ିଆଙ୍କ ସହ। ସେଇଥିପାଇଁ ଭଲ ପାଇ ବସିଛନ୍ତି ଜଗଣୀକୁ, ଓଡ଼ିଶାକୁ ଆଉ ଓଡ଼ିଶାର ପରମ୍ପରାକୁ...



୧୩
ସହରଠୁ ଦୂର



୮/୯
ସିନେମା

## ସାନ୍ତାକ୍ଲଜ୍ ଭିଲେଜ



ଫିନଲାଣ୍ଡର ଲାପଲାଣ୍ଡ ଅଞ୍ଚଳର ରୋଭାନିଏମିଠାରେ ରହିଛି ଏକ ଆମ୍ୟୁଜମେଣ୍ଟ ପାର୍କ ଯାହା 'ସାନ୍ତାକ୍ଲଜ୍ ଭିଲେଜ୍' ଭାବେ ବେଶ୍ ଖ୍ୟାତ । ୧୯୮୫ ମସିହାରେ ପ୍ରତିଷ୍ଠାଲାଭ କରିଥିବା ଏହି ପାର୍କରେ ରହିଛି ସାନ୍ତାକ୍ଲଜ୍ ଅଫିସ୍, ସାନ୍ତାକ୍ଲଜ୍ ମୁଖ୍ୟ ପୋଷ୍ଟଅଫିସ୍, ରେନ୍‌ଡିଅର୍ ଫାର୍ମ, ଆର୍କଟିକ୍ ସାର୍କଲ୍, ସ୍ନୋମୋବାଇଲ ମ୍ୟୁଜିୟମ୍ ଇତ୍ୟାଦି । ଏହି ପାର୍କର ଏକ ବିଶେଷତ୍ୱ ହେଉଛି ଏଠାରେ ବର୍ଷ ତମାମ ଖ୍ରୀଷ୍ଟମାସ ପାଳନ କରାଯାଇଥାଏ। ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ସ୍ଲେଜ୍ ସ୍କେଟିଙ୍ଗ, ୱିଣ୍ଟର ସ୍ପୋର୍ଟ୍ସ, ଆଇସ୍ କ୍ଲାଇମ୍ବିଙ୍ଗ, ଆଇସ୍ ଫିସିଙ୍ଗ୍ ଆଦିର ମଜା ଉଠେଇ ପାରିବେ। ଏହା ବ୍ୟତୀତ ଏଠାରେ ପରିଦର୍ଶକମାନେ ରାତ୍ରି ଯାପନ କରିବା ଲାଗି ବିଭିନ୍ନ ହୋଟେଲର ସୁବିଧା ରହିଥିବା ବେଳେ ଇଗ୍‌ଲୁ ହାଉସ୍ ମଧ୍ୟ ରହିଛି। ଏଠାରେ ରହଣି ଅବସରରେ ପର୍ଯ୍ୟଟକମାନେ ଭବ୍ୟ ଖ୍ରୀଷ୍ଟମାସ ଭୋଜନର ଆନନ୍ଦ ମଧ୍ୟ ନେଇପାରିବେ। ତେବେ ଆମୋଦ ପ୍ରମୋଦରେ ଭରପୂର ଏହି ଆମ୍ୟୁଜମେଣ୍ଟ ପାର୍କକୁ ସାନ୍ତାକ୍ଲଜଙ୍କ ଅଫିସିଆଲ ହୋମ୍ ଟାଉନ୍ ଭାବେ ଘୋଷଣା କରାଯାଇଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ
ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୨୩-୨୯

**ମେଷ**
ରବିବାର- ଆର୍ଥିକ ସ୍ୱଚ୍ଛଳତା। ସୋମ, ମଙ୍ଗଳ -ଆଧ୍ୟାତ୍ମିକତା, ଆକସ୍ମିକ ଯାତ୍ରା, ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି । ବୁଧ ଓ ଗୁରୁ-ସନ୍ଦେହ ବୃଦ୍ଧି, ଯାନ୍ତ୍ରିକ ତ୍ରୁଟି। ଶୁକ୍ର ଓ ଶନି- କଳା,ବନ୍ଧୁଙ୍କ ଉଚିତ ବୁଝାମଣା, ବୃତ୍ତି ବାଣିଜ୍ୟରେ ସମସ୍ୟା ।

**ବୃଷ**
ରବିବାର- କର୍ମ ତତ୍ପରତା ବୃଦ୍ଧି । ସୋମ ଓ ମଙ୍ଗଳ- କରଜଦାତାଙ୍କ ଚାପ, ଦ୍ରବ୍ୟ ଲାଭ, କାମ ଉତ୍ସାହପ୍ରଦ ହେବ । ବୁଧ ଓ ଗୁରୁ-ଶୁଭ ଖବର । ଶୁକ୍ର ଓ ଶନି- ବିଳାସୋପକରଣ କ୍ରୟ, ଦୂରଯାତ୍ରା କରିପାରନ୍ତି, ପରିବହନରେ ଝଗଡା ।

**ମିଥୁନ**
ରବିବାର- ସୌଖୀନ ପଦାର୍ଥ ଆଣିବେ, ଅତିଥି ଚର୍ଚ୍ଚା । ସୋମ ଓ ମଙ୍ଗଳବାର- ତୀର୍ଥାଟନ ଚିନ୍ତା । ବୁଧ ଓ ଗୁରୁବାର- ବନ୍ଧୁଙ୍କ ସହଯୋଗ, ଅର୍ଥ ଓ ସମ୍ମାନ ପ୍ରାପ୍ତି । ଶୁକ୍ର ଓ ଶନିବାର- ମାନସିକ ଅବସାଦ, ସ୍ୱାସ୍ଥ୍ୟହାନି ।

**କର୍କଟ**
ରବିବାର-ନୂତନ ଯୋଜନା । ସୋମ ଓ ମଙ୍ଗଳବାର- ଉଚ୍ଚଚିନ୍ତା, ସମ୍ପର୍କ ଯୋଡିବେ, ଯାତ୍ରା ଶୁଭପ୍ରଦ ହେବ । ବୁଧ ଓ ଗୁରୁବାର- ନୂତନ କର୍ମାରମ୍ଭ, ପାରିବାରିକ ସମର୍ଥନ । ଶୁକ୍ର ଓ ଶନିବାର- ସମସ୍ୟା ସମାଧାନ, ବନ୍ଧୁମିଳନ ।

**ସିଂହ**
ରବିବାର- ସ୍ୱାସ୍ଥ୍ୟ ସମସ୍ୟା, ପଡୋଶୀଙ୍କ ସହାନୁଭୂତି, ଅର୍ଥସଙ୍କଟ । ସୋମ ଓ ମଙ୍ଗଳ- ମାନସିକ ଦ୍ୱନ୍ଦ୍ୱ । ବୁଧ ଓ ଗୁରୁବାର- ବନ୍ଧୁ ବିରୋଧ, ଉଦାସୀନତା । ଶୁକ୍ର ଓ ଶନିବାର- ଭୋଗ ବିଳାସ, ଭ୍ରମଣସୁଖ ।

**କନ୍ୟା**
ରବିବାର-ମିତ୍ରତା, ମିଷ୍ଟାନ୍ନ ଭୋଜନ । ସୋମ ଓ ମଙ୍ଗଳବାର- ସାଂସ୍କୃତିକ କାର୍ଯ୍ୟ, ଭ୍ରାତୃ ବିବାଦ । ବୁଧ ଓ ଗୁରୁବାର- ସମ୍ପର୍କ ବ୍ୟାହତ ହେବ । ଶୁକ୍ର ଓ ଶନିବାର-ପ୍ରଗତିର ପ୍ରତିରୋଧ, ସନ୍ତାନଙ୍କ ବିଶୃଙ୍ଖଳା, ପୁରାତନ ରୋଗ ପୀଡା ।

**ତୁଳା**
ରବିବାର-ଧନ ଓ ସମ୍ମାନ ପ୍ରାପ୍ତି, ବିବାଦୀୟ ସ୍ଥିତି । ସୋମ ଓ ମଙ୍ଗଳବାର- ପାରିବାରିକ ତିକ୍ତତା, ବନ୍ଧୁ ପରିସର ବୃଦ୍ଧି । ବୁଧ ଓ ଗୁରୁବାର- ଆକସ୍ମିକ ଯାତ୍ରା । ଶୁକ୍ର ଓ ଶନିବାର- ମାନସିକ କଷ୍ଟ, ଧର୍ମକାର୍ଯ୍ୟ କରିବେ ।

**ବିଛା**
ରବିବାର- ଦେବ ଦର୍ଶନ, ପ୍ରାପ୍ୟଧନରେ ବାଧା । ସୋମ ଓ ମଙ୍ଗଳବାର- ଆଶା ଫଳବତୀ ହେବ, ଆଲୋଚନାରେ ଅଗ୍ରଗତି । ବୁଧ ଓ ଗୁରୁବାର- ଦୂରଯାତ୍ରାର ସୁଯୋଗ । ଶୁକ୍ର ଓ ଶନିବାର- ପ୍ରତାରିତ ହୋଇପାରନ୍ତି, ପରୋକ୍ଷ ଶତ୍ରୁତା ।

**ଧନୁ**
ରବିବାର- ମନୋରଞ୍ଜନ କାର୍ଯ୍ୟ । ସୋମ ଓ ମଙ୍ଗଳବାର- ମୂଲ୍ୟବାନ ଦ୍ରବ୍ୟଲାଭ । ବୁଧ ଓ ଗୁରୁବାର- ବନ୍ଧୁପ୍ରସ୍ତାବ ଆସିବ । ଶୁକ୍ର ଓ ଶନିବାର-ଭୁଲ୍ ବୁଝାମଣା, ବିଦେଶ ଯାତ୍ରା, କର୍ମନିଯୁକ୍ତି, ସରକାରୀ ସହାୟତା ।

**ମକର**
ରବିବାର-ନୂତନ କର୍ମାରମ୍ଭ, ଆର୍ଥିକ ଅନଟନ । ସୋମ ଓ ମଙ୍ଗଳବାର- କଚେରି ମାମଲାରୁ ଦୁଶ୍ଚିନ୍ତା । ବୁଧ ଓ ଗୁରୁବାର- ପାରିବାରିକ ଶାନ୍ତି, ନୀତିଗତ କାମରୁ ପ୍ରଶଂସା । ଶୁକ୍ର ଓ ଶନିବାର- କରଜ କରିବେ, କର୍ମକ୍ଷେତ୍ରରେ ମନ୍ଥରତା ।

**କୁମ୍ଭ**
ରବିବାର- ସମାଲୋଚନା । ସୋମ ଓ ମଙ୍ଗଳବାର- ଆଭୂଷଣ ପ୍ରାପ୍ତି, ଖର୍ଚ୍ଚାନ୍ତ ହେବେ । ବୁଧ ଓ ଗୁରୁବାର- ଆଶା ପୂରଣ, ଯାନବାହନ ଲାଭ । ଶୁକ୍ର ଓ ଶନିବାର- କାମ ଅସମ୍ପୂର୍ଣ୍ଣ ରହିବ, ଶିଳ୍ପ, ମିଥ୍ୟାଭିଯୋଗ, ପଦୋନ୍ନତିର ସୂଚନା, ଭାବପ୍ରବଣତା ।

**ମୀନ**
ରବିବାର-ଉନ୍ନତ ଚିନ୍ତା, ଆର୍ଥିକ ସହଯୋଗ । ସୋମ ଓ ମଙ୍ଗଳ-ବନ୍ଧୁଙ୍କ ସମର୍ଥନ । ବୁଧ ଓ ଗୁରୁବାର- ଭ୍ରାତୃ ସମ୍ପର୍କରେ ଉନ୍ନତି, ପ୍ରତିବନ୍ଧକ ଦୂର ହେବ । ଶୁକ୍ର ଓ ଶନିବାର- ଗୁରୁଜନଙ୍କ ପ୍ରେରଣା, ପୁରାଣ ପଠନରେ ରୁଚି, କର୍ମଜଞ୍ଜାଳ ବଢିବ ।

# ଖ୍ରୀଷ୍ଟମାସକୁ ନେଇ କିଛି ଅଜବ ପ୍ରଥା

* ଖ୍ରୀଷ୍ଟମାସ ଅବସରରେ ଅଷ୍ଟ୍ରେଲିଆର ବିଭିନ୍ନ ସ୍ଥାନରେ ଭୟଙ୍କର ମୁଖାପିନ୍ଧା ବ୍ୟକ୍ତିମାନେ ବୁଲୁଥିବା ନଜରକୁ ଆସନ୍ତି। ଏହି ବ୍ୟକ୍ତିମାନେ ବିଭିନ୍ନ ପ୍ରାଙ୍କ୍ ଦ୍ୱାରା ଛୋଟଛୁଆ ତଥା ବଡମାନଙ୍କୁ ଡରାଇଥାନ୍ତି।

* ଭେନେଜୁଏଲାର ରାଜଧାନୀ କାରାକାସ୍‌ର ଜନସାଧାରଣ ଏହି ଅବସରରେ ସ୍କେଟିଙ୍ଗ କରି ଚର୍ଚ୍ଚ ଯିବାର ପ୍ରଥା ରହିଛି।

* ଆୟର୍ଲାଣ୍ଡରେ ଖ୍ରୀଷ୍ଟମାସ ଅବସରରେ ଏକ ବିରାଟ ବିଲେଇ ବୁଲିଥିବାର ଲୋକବିଶ୍ୱାସ ରହିଛି। ଏହି ବିରାଡି ଭଲ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ନୂଆ ପୋଷାକ ଭେଟିଦେଉଥିବାର ବିଶ୍ୱାସ ରହିଥିବା ବେଳେ ଖରାପ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ଗିଳି ଦେଇଥାଏ ବୋଲି ଅନ୍ଧବିଶ୍ୱାସ ରହିଛି।

* ୟୁକ୍ରେନ୍‌ରେ ଏହି ଅବସରରେ ଖ୍ରୀଷ୍ଟମାସ ଟ୍ରିରେ ବୁଢୀଆଣି ଜାଲ ଭଳି ଦିଶୁଥିବା ଡେକୋରେଟିଭ ଜିନିଷ ଝୁଲେଇବାର ପ୍ରଥା ରହିଛି। ଏଠାରେ ବୁଢୀଆଣି ଜାଲକୁ ଶୁଭ ବୋଲି ଗ୍ରହଣ କରାଯାଏ।

* ଖ୍ରୀଷ୍ଟମାସ ଅବସରରେ ଜର୍ମାନୀରେ ଖ୍ରୀଷ୍ଟମାସ ଟ୍ରିରେ ଆଚାର ଲୁଚେଇବାର ପ୍ରଥା ରହିଛି। ଯେଉଁ ଛୋଟପିଲା ଏହି ଆଚାରଟିକୁ ଖୋଜି ବାହାର କରିବ ତାକୁ କିଛି ଉପହାର ଦେବାର ଏକ ନିଆରା ପ୍ରଥା ରହିଛି।

* ଏହି ଅବସରରେ ନେଦରଲାଣ୍ଡରେ ଛୋଟପିଲାମାନେ ନିଜ ଜୋତାକୁ ରାତିରେ ନିଆଁ ପାଖରେ ରଖି ଶୋଇଯାନ୍ତି ବିଶ୍ୱାସ ଥାଏ ଯେ, ସକାଳେ ସେଥିରେ ଉପହାର ମିଳିବ।



## ପାଠକୀୟ

❖ଦିନ ଥିଲା ନଡ଼ିଆକତାକୁ କେବଳ ଜାଳେଣି ରୂପେ ବ୍ୟବହାର କରାଯାଉଥିଲା । ଏବେ କାରିଗରମାନେ ନଡିଆ କତାରେ ବିଭିନ୍ନ କଳାକୃତି କରି ଜୀବିକା ନିର୍ବାହ କରିପାରୁଛନ୍ତି। ଏହା କେବଳ ଓଡ଼ିଶା ଭିତରେ ସୀମିତ ନ ହୋଇ ପହଞ୍ଚିଛି ସାରା ବିଶ୍ୱରେ । କତା କାରିଗରିକୁ ନେଇ ପ୍ରସ୍ତୁତ ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ଶିକ୍ଷଣୀୟ ହେବା ସହ ସମୟୋପଯୋଗୀ ହୋଇପାରିଥିଲା । ବାସ୍ତୁ ଅନୁସାରେ ଘରେ କେମିତି ଓ କେଉଁଠି ଦରଜା ଏବଂ କବାଟ ଲଗାଇଲେ ମଙ୍ଗଳ ହେବ ତାହା ମଧ ଉକ୍ତ ସଂଖ୍ୟାର ଛୁଟିଦିନରୁ ଜାଣିହେଲା ।

*–ମାନସ ସାହୁ, କୁହୁଡି, ଖୋର୍ଦ୍ଧା*

❖କତା କାରିଗରି ଏବେ ଅଧିକାଂଶ ଲୋକଙ୍କର ଜୀବିକାନିର୍ବାହର ମାଧ୍ୟମ ପାଲଟିଗଲାଣି। ଏଥିରୁ ଭଲ ଦୁଇ ପଇସା ରୋଜଗାର ହେବା ସହ ସେମାନଙ୍କ କାମର ଚର୍ଚ୍ଚା ଦେଶବିଦେଶରେ ହେବାକୁ ବି ଲାଗିଲାଣି । ଯାହା ଅନ୍ୟମାନଙ୍କୁ ମଧ ପ୍ରେରଣା ଦେଇପାରୁଛି, ଏହି କର୍ମକୁ ନିଜର ବେଉସା କରିବାକୁ। ଏଭଳି ଏକ ବିଷୟ ଛୁଟିଦିନରେ ପଢିବାକୁ ମିଳିବାରୁ ଖୁସି ଲାଗିଲା । ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରୁ ବିଭିନ୍ନ ଡିଜାଇନ୍‌ର 'ଟ୍ରେଞ୍ଚ କୋଟ୍' ସମ୍ପର୍କରେ ନୂଆ ନୂଆ କଥା ଜାଣିବାକୁ ମିଳିଲା ।

*–ବାବାଜୀ ଚରଣ ଜେନା, ଦଶରଥପୁର, ଭଦ୍ରକ*

❖ବ୍ୟକ୍ତିତ୍ୱ ପୃଷ୍ଠାରୁ ପର୍ତ୍ତୁଗାଲର ପ୍ରତିନିଧି ଶ୍ରେଣୀୟ ଲେଖକ ଜୋସ୍ ଡି ସାଉସା ସାରାମାଗୋଙ୍କ ବ୍ୟକ୍ତିଗତ ତଥା ଲେଖକୀୟ ଜୀବନ ସମ୍ପର୍କରେ ଜାଣିବାକୁ ମିଳିଲା । ସୃଜନ ପୃଷ୍ଠାରୁ 'ସକାଳ' ନାମକ ଗପଟି ପଢିଲି, ଏଥିରେ କୁନିଝିଅଟିର ଉପସ୍ଥିତ ବୁଦ୍ଧି ବେଶ୍ ମନଛୁଆଁ ହୋଇପାରିଥିଲା । ସିନେମା ପୃଷ୍ଠାରେ ସ୍ଥାନିତ ଜାହ୍ନବୀଙ୍କ ଫଟୋଟି ବେଶ୍ ଆକର୍ଷଣୀୟ ଲାଗୁଥିଲା ।

*–ସାରଥି ପ୍ରଧାନ, ନାଗବାଲି, କଟକ*

❖ମା'ଲୋ ମଲି ବିଛା କାମୁଡିଲା ରାତିରେ କାଲି ଏବଂ ଲେ ଲେଇଜା ଲଟକ ମଣି ଲବଙ୍ଗଦିଆ ପାନ ଭଳି ଏକାଧିକ ହିଟ୍ ଗୀତରେ କଣ୍ଠଦାନ କରିଥିବା କଣ୍ଠଶିଳ୍ପୀ ଜ୍ୟୋସ୍ନାରାଣୀ ମୁଦାଲିଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମୋ ମନକୁ ବେଶ୍ ଛୁଇଁଥିଲା । 'ବାଥ୍‌ଟବ୍' ନାମକ ପାଠଟିରୁ ଅନେକ ଅଜବ ଅଜବ ବାଥ୍‌ଟବ୍ ସମ୍ପର୍କରେ ଜାଣିହେଲା । ମଡେଲ୍ ମିରର୍‌ରେ ଗୁଡ଼ି ବେଶ୍ ସୁନ୍ଦରୀ ଲାଗୁଥିଲେ । ସହର ଓ ଯାତ୍ରା ପୃଷ୍ଠାଟି ପଢିବାକୁ ମୋତେ ବହୁତ ଭଲ ଲାଗେ ।

*–ଶତର କୁମାର ଶତପଥୀ, ରାଉରକେଲା*

❖ବିବିଧା ପୃଷ୍ଠାରେ ସ୍ଥାନିତ '୮୦ ବର୍ଷରେ ସାଲ୍‌ସା' ଏବଂ ବ୍ୟାକ୍‌ପେଜ୍‌ରେ ସ୍ଥାନିତ 'ମୂଷାଙ୍କ ପାଇଁ ଗାଁ' ଓ 'ଲମ୍ବା ଦୋସା' ଇତ୍ୟାଦି ପାଠଗୁଡ଼ିକ ଖୁବ୍ ଆଶ୍ଚର୍ଯ୍ୟକର ଥିଲା । କାର୍ଟୁନ କର୍ନର ଓ ହାଃ ହାଃ ବେଶ୍ ମଜାଦାର୍ ହୋଇପାରୁଛି ।

*–ସୁବାସ ଦାଶ, ସୋର, ବାଲେଶ୍ୱର*

## ବିଶେଷ ଚିଠି



ଛୁଟିଦିନ ପରି କିଏ ହେବ
ଦେଶ ବିଦେଶ ଖବର ଦେବ ।
ପ୍ରଚ୍ଛଦ ଦିଶେ ବଡ଼ ସୁନ୍ଦର
ଜ୍ଞାନ ବିଜ୍ଞାନ ରତ୍ନ ଭଣ୍ଡାର ।
ବ୍ୟାକ୍‌ପେଜ୍ ସିନେମା ଓ ସୃଜନ
ସାଥୀ କାର୍ଟୁନ ହରଇ ମନ ।

**–ଦୀକ୍ଷା ପରିଡ଼ା, ବାଲିପଡା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com





# ସାହେବୀ ଠାଣି ଓଡ଼ିଆ ଚଳଣି

## ଚେହେରା ଓ ବଂଶ ପରମ୍ପରାରେ ଏମାନେ ଆଙ୍ଗ୍ଲୋଇଣ୍ଡିଆନ୍। କିନ୍ତୁ ମନ ମିଶିଯାଇଛି ଓଡ଼ିଆଙ୍କ ସହ। ସେଇଥିପାଇଁ ଭଲ ପାଇ ବସିଛନ୍ତି ଜଟଣୀକୁ, ଓଡ଼ିଶାକୁ ଆଉ ଓଡ଼ିଶାର ପରମ୍ପରାକୁ...





ସେଦିନର ଜଟଣୀ ହେଉଛି ତତ୍କାଳୀନ ଓଡ଼ିଶାର ଏକମାତ୍ର ସହର, ଯେଉଁଠାରେ କ୍ୟାଥଲିକ୍ କଲୋନୀ (୧୮୮୩)ରେ ଶତାଧିକ ଗୋରାସାହେବ ପରିବାର ସହ ରହୁଥିଲେ। ସେମାନଙ୍କ ମଧ୍ୟରୁ କେତେକ ଥିଲେ ଖାଣ୍ଟି ୟୁରୋପୀୟ, ବାକି କିଛି ଆଙ୍ଗ୍ଲୋଇଣ୍ଡିଆନ୍। ସେମାନଙ୍କ ଉପସ୍ଥିତି ଓ ଅବସ୍ଥିତି ଜଟଣୀର ସମ୍ମାନ ବୃଦ୍ଧି କରୁଥିଲା। ସେମାନଙ୍କର ସୁଦୃଶ୍ୟ ବଙ୍ଗଳା, ଆଭିଜାତ୍ୟ ଜୀବନଧାରା, ସାହେବୀ ଆଦବ୍ କାଇଦା ଆଦି ସବୁଦୃଷ୍ଟିରୁ ଜଟଣୀର ମର୍ଯ୍ୟାଦା ବୃଦ୍ଧିରେ ସହାୟକ ହୋଇଥିଲା। ସେମାନଙ୍କ ପଢ଼ିବା ପାଇଁ ୧୦୦ ବର୍ଷ ତଳେ ଏଠାରେ ସ୍ଥାପିତ ହୋଇଥିଲା ଇଂଲିଶ ମିଡିୟମ୍ ସ୍କୁଲ, ଉପାସନା ପାଇଁ କ୍ୟାଥଲିକ୍ ଚର୍ଚ୍ଚ ଓ ଆମୋଦପ୍ରମୋଦ ପାଇଁ ୟୁରୋପିଆନ୍ ଇନ୍‌ଷ୍ଟିଚ୍ୟୁଟ୍। କାଳକ୍ରମେ ସଂଖ୍ୟା ହ୍ରାସ ଘଟିଲା । ବିଭିନ୍ନ କାରଣରୁ ସେମାନେ ଭାରତ ବର୍ଷର ବିଭିନ୍ନ ସ୍ଥାନ ସହିତ ବିଦେଶକୁ କର୍ମସଂସ୍ଥାନ ପାଇଁ ପଳାଇଲେ। ମାତ୍ର ଯିଏ ଯେଉଁଠାରେ ଥାଉନା କାହିଁକି ବର୍ଷକୁ ଥରେ ଏକ୍ସମାସ୍ ଓ ବଡ଼ଦିନରେ ଏଠାକୁ ଆସିଥାନ୍ତି। ଡିସେମ୍ବର ୨୩ରୁ ନୂଆବର୍ଷ ୧ ତାରିଖ ପର୍ଯ୍ୟନ୍ତ ଉତ୍ସବ ପାଳନ କରିଥାନ୍ତି। ପୂର୍ବରୁ ସ୍ଥାନୀୟ ୟୁରୋପିଆନ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ପାଳନ କରୁଥିଲେ ଏହି ଉତ୍ସବ। ୨୦୧୧ରୁ ଏହି ଇନ୍‌ଷ୍ଟିଚ୍ୟୁଟ୍‌କୁ ରେଲୱେ ନିଜ ନିୟନ୍ତ୍ରଣକୁ ନେଇଗଲା ପରେ ଏଠାରେ ଥିବା ବିଭିନ୍ନ କଲ୍ୟାଣମଣ୍ଡପ ଓ ଟାଉନ୍ ହଲ୍‌ରେ ଏହାକୁ ସେମାନେ ପାଳନ କରୁଛନ୍ତି। କର୍ପୂର ଉଡ଼ିଯାଇ କନା ପଡ଼ିଲା ଭଳି ହେଲେ ହେଁ ପାଶ୍ଚାତ୍ୟ ନୃତ୍ୟ ଓ ଗୀତରେ ନିଜକୁ ଏହି କିଛିଦିନ ସେମାନେ ହଜେଇ ଦିଅନ୍ତି। ବିଶେଷକରି ଜଟଣୀ ମ୍ୟୁନିସିପାଲିଟି ଅନ୍ତର୍ଗତ ରାମଚନ୍ଦ୍ରପୁର ମୌଜା ଓ ବାଛରା ପାଟଣାରେ ଅଧିକ ସଂଖ୍ୟାରେ ଆଙ୍ଗ୍ଲୋଇଣ୍ଡିଆନ୍ ପରିବାର ରହୁଛନ୍ତି। ଏବେ ବି ସେମାନଙ୍କ ମଧ୍ୟରେ ସେହି ସାହେବୀ ଢାଞ୍ଚା ରହିଛି । ତେବେ ଓଡ଼ିଶାର ପାଣି ପବନରେ ଦୀର୍ଘବର୍ଷ ଚଳିବା ପରେ ଓଡ଼ିଆ ଖାଦ୍ୟ, ବସ୍ତ୍ର, ପର୍ବପର୍ବାଣି ଓ ଅନ୍ୟାନ୍ୟ କାର୍ଯ୍ୟରେ ଜଡ଼ିତ ହୋଇପଡ଼ିଛନ୍ତି।

**କେବେଠୁ ଜଟଣୀରେ–** ୧୮୫୭ ମସିହାରେ ଐତିହାସିକ ସିପାହୀ ବିଦ୍ରୋହ ପରେ ସାରା ଭାରତରେ ଇଂରେଜ ଶାସନ ଦୃଢ଼ୀଭୂତ ହେଲା। ମହାରାଣୀ ଭିକ୍ଟୋରିଆ ଭାରତର ଶାସନ କ୍ଷମତା ହାତକୁ ନେଲେ। ଏତିକିବେଳେ କଲିକତାରୁ ମାଡ୍ରାସ ପର୍ଯ୍ୟନ୍ତ ସୈନ୍ୟ ଚଳାଚଳ ପାଇଁ ରେଳପଥ ନିର୍ମାଣର ଆବଶ୍ୟକତା ଅନୁଭୂତ ହେଲା। ଫଳରେ ୧୮୮୨ରେ ଓଡ଼ିଶାରେ ରେଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ। ପରେ ଏହା ହେଲା ବିଏନ୍‌ଆର୍ (ବେଙ୍ଗଲ ନର୍ଥ ରେଲୱେ)। ବିଏନ୍‌ଆର୍ ରେଳପଥର ଖଡ଼ଗପୁର ଓ ୱାଲ୍‌ଟିୟର ମଧ୍ୟରେ ଜଟଣୀ ହେଲା କେନ୍ଦ୍ରବିନ୍ଦୁ। ଏଠାରେ ଥିବା ଜଟିଆଣୀ ଠାକୁରାଣୀଙ୍କ ନାମରେ ଏହି ଅଞ୍ଚଳର ନାମ ଜଟଣୀ ହୋଇଥିବା ବେଳେ ରେଳଷ୍ଟେଶନର ନାମ ରହିଲା ଖୋର୍ଦ୍ଧାରୋଡ୍। ଇତିହାସ ପ୍ରସିଦ୍ଧ ଖୋର୍ଦ୍ଧାକୁ ଯାତାୟାତ ପାଇଁ ଏହି ଷ୍ଟେଶନ ଥିଲା ଏକମାତ୍ର ପ୍ରବେଶପଥ। ଇଂରେଜମାନଙ୍କୁ ଖୋର୍ଦ୍ଧାକୁ ଯିବାକୁ ହେଲେ ଜଟଣୀ ଛଡ଼ା ଅନ୍ୟ ବାଟ ନ ଥିଲା। ପରେ ପରେ ରେଳଗାଡ଼ିର ଚଳାଚଳ ପାଇଁ ଖୋର୍ଦ୍ଧାରୋଡ୍‌ରେ ଲୋକଶେଡ୍ ସ୍ଥାପନ ହେଲା। ରେଳ ଇଞ୍ଜିନର ମରାମତି, ରକ୍ଷଣାବେକ୍ଷଣ ଓ କୋଇଲା ଯୋଗାଣ ଇତ୍ୟାଦି ନିମନ୍ତେ ଏହା ଉପଯୁକ୍ତ ସ୍ଥାନ ବିବେଚିତ ହେଲା। କିନ୍ତୁ ସେତେବେଳେ ଓଡ଼ିଆମାନଙ୍କର ସେତେ ଅଭିଜ୍ଞତା ନ ଥିବାରୁ ସମସ୍ତ କାର୍ଯ୍ୟ ପାଇଁ ଆସିଲେ ଆଙ୍ଗ୍ଲୋଇଣ୍ଡିଆନ୍ ସାହେବମାନେ। କିଏ କଲିକତାର ଆର୍ମେନିଆ ଷ୍ଟ୍ରିଟ୍‌ରୁ ତ କିଏ ଖଡ଼ଗପୁରରୁ ବା ଅନ୍ୟ କେଉଁଠୁ। ଖୋର୍ଦ୍ଧାରୋଡ୍‌ର ପ୍ରଥମ ଷ୍ଟେଶନ ମାଷ୍ଟର, ଲୋକ ଫୋରମ୍ୟାନ୍, ଇଞ୍ଜିନ ଚାଳକ ସମସ୍ତେ ଥିଲେ ସାହେବ । ୟୁରୋପିଆନ୍ ଓ ଆଙ୍ଗ୍ଲୋଇଣ୍ଡିଆନ୍‌ଙ୍କ ପାଇଁ ଏଠାରେ ସୃଷ୍ଟି ହୋଇଥିଲା କ୍ୟାଥଲିକ୍ ଓ ଆଙ୍ଗ୍ଲୋଇଣ୍ଡିଆନ୍ କଲୋନୀ।

→











ଏନ୍.ଡବ୍ଲ୍ୟୁ.ରେଡେନ



ଜାନେତ ଡିସେଲାସ



ମାର୍କ ରିବେରିଓ



ଭାଲାନେଇ ରେବେଇରୋ

କଲାପିଚୁର ଚକ୍‌ଚକ୍ ରାସ୍ତା, ବିଲାତି କଣ୍ଟାବାଡ଼ଘେରା ସୁନ୍ଦର ଓ ପ୍ରଶସ୍ତ ବଙ୍ଗଳା, ଘରେ ଗଣ୍ଡା ଗଣ୍ଡା ଆୟା ଚାକର, ଗ୍ୟାସ୍ ଆଲୁଅ ଓ ପାଇପ୍ ପାଣି। ବିଏନ୍‌ଆର୍‌ରୁ ମିଳେ ସମୁଦ୍ର ସ୍ନାନ ପାଇଁ କାର୍ଡପାସ୍। ସେଇଟା ସାହେବ ଓ ମେମ୍‌ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା। ଓଡ଼ିଶାର ଗରମ ପରିବେଶରେ ସପ୍ତାହକୁ ଦୁଇ ଚାରିଥର ସମୁଦ୍ରରେ ମନଭରି ନ ଗାଧୋଇଲେ ସେମାନେ ରହିବେ କିପରି ? ଏଣୁ ପରିବାର ପାସ୍ ମିଳେ ପୁରୀ ଯିବା ଆସିବା ପାଇଁ। ଅଧସ୍ତନମାନଙ୍କୁ ସେମାନେ ପ୍ରଜା ଦୃଷ୍ଟିରେ ଦେଖୁଥିଲେ ସତ, କିନ୍ତୁ ଜୋର୍‌ଜୁଲମ କରୁ ନ ଥିଲେ। ଯୋଗ୍ୟତା ଓ ଦକ୍ଷତା ଦେଖି କଥା ପଦକରେ ଚାକିରି ଦେଉଥିଲେ। ଦୀର୍ଘବର୍ଷ ହେବ ଏଇଠି ଚଳିଆସିଥିବା ସାହେବ ଓ ମେମ୍‌ଙ୍କ ମଧ୍ୟରୁ ଅନେକ ସେମାନଙ୍କର ସୁଦୃଶ୍ୟ ବଙ୍ଗଳା, ବିଦେଶୀ ଆସବାବପତ୍ର ସବୁ ଶାଗମାଛ ମୂଲ୍ୟରେ ବିକ୍ରି କରିଦେଇ ଏଠାରୁ ବିଦାୟ ନେଲେଣି। ଯେଉଁ କେତେକ ଅଗତ୍ୟା ରହିଥିଲେ, ସେମାନଙ୍କ ମଧ୍ୟରୁ ଜଣେ ହେଲେ ସି.ଫ୍ରାନ୍‌ସିସ୍। ତାଙ୍କର ମଧ୍ୟ ଦୀର୍ଘବର୍ଷ ହେବ ପରଲୋକ ହୋଇଗଲାଣି। ସେ ଜଟଣୀବାସୀ ନୁହନ୍ତି। ଆସିଥିଲେ ଆଦ୍ରାରୁ, ରେଳବାଇ ଡ୍ରାଇଭରମାନଙ୍କୁ ପ୍ରଶିକ୍ଷଣ ଦେବାକୁ। ଅନେକ ପୁରୁଣା ତଥା ଅଭିଜ୍ଞ ରେଳ କର୍ମଚାରୀ କୁହନ୍ତି, ତାଙ୍କ ଟ୍ରେନିଂ ସଂପୂର୍ଣ୍ଣ ନିର୍ଭୁଲ ଓ ଚମତ୍କାର । ସେ ଅନେକ ଦେଶ ବୁଲିଥିଲେ । ଭାରତ ସରକାରଙ୍କ ଦ୍ୱାରା ମନୋନୀତ ହୋଇ ନାଇଜେରିଆ ରେଳ ସଂସ୍ଥାନକୁ ନୂତନ ଜୀବନ୍ୟାସ ଦେବାରେ ଏହି ସାହେବ ହେଉଛନ୍ତି ସେତେବେଳର ଜଟଣୀର ଏକ ବିଶ୍ୱ ଭ୍ରମଣକାରୀ ବ୍ୟକ୍ତି। ଜଟଣୀରେ ହିଁ ତାଙ୍କର ଶେଷ ଜୀବନ କଟାଇବା ଲାଗି ସ୍ଥିର କରି ଏଠାରେ ପରିବାର ସହ ସ୍ଥାୟୀ ବାସିନ୍ଦା ହୋଇଯାଇଥିଲେ। ଏକ୍ସମାସ୍ ଓ ନୂଆବର୍ଷ ଉତ୍ସବରେ ସାମିଲ ହେବା ପାଇଁ ଅଷ୍ଟ୍ରେଲିଆ, ବ୍ରିଟେନ୍, କାନାଡା ଓ ଅନ୍ୟ ଦେଶରେ ରହିଥିବା ଆଙ୍ଗ୍ଲୋଇଣ୍ଡିଆନ୍‌ମାନେ ଏଠାକୁ ଆସିଥାନ୍ତି।

**ଭଲ ଲାଗେ ଜଟଣୀ:** ଶ୍ରୀମତୀ ଭାଲାନେଇ ରେବେଇରୋ। ଗୃହିଣୀ। ତାଙ୍କର ପାରମ୍ପରିକ କଂଟା ଚାମଚରେ ଖାଇବାର ଅଭ୍ୟାସ ଏବେ ବି ରହିଛି । ହେଲେ ଓଡ଼ିଆ ଲୋକଙ୍କ ପରି ଭାତ,ଡାଲମା, ଶାଗଭଜା ସହିତ ବାଇଗଣ, ଟମାଟୋ, ଆଳୁପୋଡ଼ା ପ୍ରସ୍ତୁତ କରିବା ଓ ଖାଇବା ଅଭ୍ୟାସ ହୋଇଗଲାଣି । ସେ କୁହନ୍ତି, 'ଏହାର ସ୍ୱାଦ ଅତି ଚମତ୍କାର। ଖରାଦିନେ ଅଧିକାଂଶ ଦିନ ପଖାଳ ଖାଇଥାଉ । ମୋର ପୁଅମାନେ ପଖାଳ ଖାଇବାକୁ ପସନ୍ଦ କରିଥାନ୍ତି । ଆଶ୍ଚର୍ଯ୍ୟ ହେବେ ଆମେ ଶୁଖୁଆ ମଧ୍ୟ ଖାଉଛୁ।'

ସେହିପରି ମାର୍କ ରିବେରିଓ କହନ୍ତି, 'ମୋର ଅଧିକ ଓଡ଼ିଆ ସାଙ୍ଗ । ଏଠାରେ ଦୀର୍ଘବର୍ଷ ରହିବା ପରେ ଆଙ୍ଗଲୋଇଣ୍ଡିଆନ୍ ଓ ଓଡ଼ିଆଙ୍କ ମଧ୍ୟରେ କିଛି ଫରକ ଦେଖୁନୁ । ମୋର ଓଡ଼ିଆ ସାଙ୍ଗମାନେ ଚର୍ଚ୍ଚ ଆସୁଛନ୍ତି । ମୁଁ ଓ ମୋ ପରିବାର ମଧ୍ୟ ସେମାନଙ୍କ ପର୍ବ ପର୍ବାଣୀ ଉତ୍ସବରେ ସାମିଲ ହେଉଛୁ। ମୋ ସାନଭାଇ ଓଡ଼ିଆ ଝିଅକୁ ବିବାହ କରିଛି । ସେମାନଙ୍କ ବୈବାହିକ ଜୀବନ ସୁଖ ସ୍ୱାଚ୍ଛନ୍ଦ୍ୟରେ ବିତୁଛି । କଂଟାଚାମଚରେ ଯେତେ ମାଛମାଂସ ଖାଇଲେ ମଧ୍ୟ ପଖାଳ ସହିତ ମସଲାଦିଆ ଶୁଖୁଆ ଭଜା ମୋର ଅଧିକ ପ୍ରିୟ ଖାଦ୍ୟ ହୋଇପଡ଼ିଛି। ଲୁଙ୍ଗି, ଗାମୁଛା ପିନ୍ଧି ମଧ୍ୟ ଘରେ ଚଳପ୍ରଚଳ କରୁଛୁ।'

ଆଙ୍ଗଲୋଇଣ୍ଡିଆନ୍ ୱେଲ୍‌ଫେୟାର ସୋସାଇଟି ଅଫ୍ ଓଡ଼ିଶାର ସଭାପତି ଏନ୍.ଡବ୍ଲ୍ୟୁ.ରେଡେନ କୁହନ୍ତି, 'ସ୍ୱାଧୀନତା ପୂର୍ବରୁ ଏକ୍ସମାସ ହେଉ ବା ଅନ୍ୟାନ୍ୟ ଉତ୍ସବ ପାଇଁ ଏଠାରେ ଥିବା ଇଷ୍ଟିଚ୍ୟୁଟ୍‌କୁ ରେଲୱେ ତାର ନିୟନ୍ତ୍ରଣକୁ ନେଇଯାଇଛି । ଆମୋଦପ୍ରମୋଦ ଓ ବିଭିନ୍ନ ଉତ୍ସବ ପାଇଁ ଥିବା ଇନଷ୍ଟିଚ୍ୟୁଟ୍‌ରେ ଏକ୍ସମାସ୍ ସମୟରେ ୮ରୁ ୯ ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଥିଲା। ଖୋର୍ଦ୍ଧା ଜିଲ୍ଲା ଘୋଷିତ ହେବା ପୂର୍ବରୁ ଅବିଭକ୍ତ ପୁରୀ ଜିଲ୍ଲା ଅଧୀନରେ ଜଟଣୀ ରହିଥିଲା । ସେମାନଙ୍କର ବିଭିନ୍ନ କାର୍ଯ୍ୟକ୍ରମ, ଆମୋଦ ପ୍ରମୋଦ ଓ ଏକ୍ସମାସ୍ ପାଇଁ ଏହି ଇନ୍‌ଷ୍ଟିଚ୍ୟୁଟ୍‌ରେ ହାଉସି ଖେଳ, ମୀନାବଜାର, ପ୍ଲେ ବଲ୍ ଖେଳ ସହିତ ଟେନିସ୍‌କୋର୍ଟ ବ୍ୟବସ୍ଥା ମଧ୍ୟ ରହିଥିଲା। ଏପରିକି ଏଠାରେ ବାର୍ ପାଇଁ ସେତେବେଳେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଲାଇସେନ୍ସ ମଧ୍ୟ ଦିଆଯାଇଥିଲା । ତା'ସବୁ କେବଳ ସ୍ମୃତି ହୋଇ ରହିଯାଇଛି । ଦିନଥିଲା ଏଠାରେ ୪୦୦ରୁ ଅଧିକ ଆଙ୍ଗ୍ଲୋଇଣ୍ଡିଆନ୍ ପରିବାର ରହୁଥିଲେ। ବର୍ତ୍ତମାନ ଏହା ୫୦ରେ ପହଂଚିଗଲାଣି । ବିଭିନ୍ନ କାରଣରୁ ଅନେକ ଆଙ୍ଗ୍ଲୋଇଣ୍ଡିଆନ୍ ପରିବାର ଅଷ୍ଟ୍ରେଲିଆ, ଲଣ୍ଡନ, ଆମେରିକା, କାନାଡ଼ା ଚାଲିଯାଇଛନ୍ତି। ଅବଶ୍ୟ ଏକ୍ସମାସ୍ ସମୟରେ ବିଦେଶରୁ ଅନେକେ ଜଟଣୀ ଆସି ଉତ୍ସବର ମାହୋଲରେ ସାମିଲ ହୋଇଥାନ୍ତି । ଜଟଣୀରେ ଓଡ଼ିଆ ମାନଙ୍କ ହେଉଥିବା ବିଭିନ୍ନ ପର୍ବପର୍ବାଣୀ,ଉତ୍ସବମାନଙ୍କରେ ମୁଁ ଓ ମୋ ପରିବାର ଲୋକେ ସାମିଲ ହୋଇଥାଉ । ମୁଁ ରହୁଥିବା ବାଛରାପାଟଣାରେ ସବୁ ବର୍ଷ ହେଉଥିବା ଗଣେଶପୂଜା, ମେଳଣରେ ମୋତେ ସଦସ୍ୟ ରଖିଛନ୍ତି । ମୋ ଘରକୁ ବାଛରା ମେଳଣ ଭୋଗ ବି ଆସିଥାଏ । ସେହିପରି ହୋଲି, ଦୀପାବଳୀ ଉତ୍ସବରେ ସାମିଲହୋଇ ଅନେକ ଆନନ୍ଦ ଉଠାଇଥାଉ । ପଡ଼ିଶାଘର ଓଡ଼ିଆ ମହିଳାଙ୍କ ଠାରୁ କାଠଚୁଲା ତିଆରି କରିବା ମୋ ସ୍ତ୍ରୀ ଶିଖିଥିଲେ। ଏହିଥିରେ ସେ ରୋଷେଇ କରନ୍ତି। ପଖାଳ ଭାତ, ଆଳୁ ଚଟଣୀ ଓ ଭଜା ଆଦି ଓଡ଼ିଆଙ୍କ ଖାଦ୍ୟ ସେ ବେଶ୍ ଭଲ ଭାବେ ପ୍ରସ୍ତୁତ କରିପାରନ୍ତି। ମୋ ଜେଜେବାପା ଆର୍.ଏନ୍.ରେଡେନ୍ ଟ୍ରେନ୍ ଗାର୍ଡ଼ ଓ ବାପା ଭି.ଏମ୍.ରେଡେନ ମେକାନିକାଲ୍ ଇଂଜିନିୟର ଭାବେ କାର୍ଯ୍ୟ କରୁଥିଲେ । ସେମାନେ ଖଡ଼ଗପୁରରୁ ଏଠାକୁ ଆସି ୧୯୩୮ ମସିହାରେ ଆମେ ରହୁଥିବା ଘର ନିର୍ମାଣ କରିଥିଲେ । ମୁଁ ମଧ୍ୟ ରେଲୱେରେ କାର୍ଯ୍ୟ କରି ଅବସର ଗ୍ରହଣ କରିଛି । ଏଠାରେ ଭାଇଚାରା ମଧ୍ୟରେ ଜୀବନଯାପନ କରୁଛୁ । ଓଡ଼ିଆ ଓ ଆଙ୍ଗଲୋଇଣ୍ଡିଆନ୍ ଯୁବତୀ ଯୁବକଙ୍କ ମଧ୍ୟରେ ଅନେକ ବିବାହ ସଂପନ୍ନ ମଧ୍ୟ ହୋଇସାରିଲାଣି ।

୭୦ ବର୍ଷୀୟା ଜାନେତ ଡିସେଲାସ କହନ୍ତି,'ଓଡ଼ିଆମାନେ ବହୁତ ଭଲ । ଆଉ ଓଡ଼ିଶାର ପିଠା ମୋର ଭାରି ପ୍ରିୟ । ଓଡ଼ିଆ ଘରର ଅନ୍ୟ ସବୁ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ପ୍ରାୟ ଶିଖିଛି । ହେଲେ ପିଠା ତିଆରି ଆସୁନି। ସେଥିପାଇଁ କୌଣସି ପର୍ବପର୍ବାଣୀ ପଡ଼ିଲେ ପଡ଼ିଶାରେ ରହୁଥିବା ଓଡ଼ିଆ ଘରୁ କେତେବେଳେ ପିଠା ଆସିବ ଅପେକ୍ଷା କରିଥାଏ । ମୋର ଯୁବା ସମୟରେ ଯାହା ଦେଖିଥିଲି ବର୍ତ୍ତମାନ ମଧ୍ୟ ଓଡ଼ିଆମାନଙ୍କ ଭିତରେ ସେହିପରି ବ୍ୟବହାର ଦେଖୁଛି। କିଛି ପରିବର୍ତ୍ତନ ଆସି ନାହିଁ । ଏବେ ସିନା ଗ୍ୟାସ ଚୁଲା ବ୍ୟବହାର କରାଯାଉଛି, ସେତେବେଳେ ଆମେ ବି କୋଇଲା ଓ କାଠ ଚୁଲାରେ ରୋଷେଇ କରୁଥିଲୁ । ଏହାଛଡ଼ା ପଡ଼ିଶାରେ ରହୁଥିବା ଓଡ଼ିଆ ପରିବାରରେ ପ୍ରସ୍ତୁତ ତରକାରୀ ଅଧିକାଂଶ ଦିନ ଦିଆନିଆ ହୋଇଥାଏ ।'

ଏମାନେ ସମସ୍ତେ ଅଙ୍ଗ୍ଲୋଇଣ୍ଡିଆନ ସତ କିନ୍ତୁ ଭଲ ପାଆନ୍ତି ଓଡ଼ିଶାକୁ। ଆଉ କୁହନ୍ତି ଜଟଣୀ ଆମ ଘର। ଏଠାକାର ପରିବେଶ ଓ ପରମ୍ପରା ଆମର ସବୁଠୁ ନିଜର ଓ ପ୍ରିୟ।

–ଶ୍ରୀକାନ୍ତ ପରିଜା



# ପାହିଲା ରାତି ସରିନି କଥା, ତଥାପି ମେଣ୍ଟୁନି ବିରହ ବ୍ୟଥା

**ପ୍ରଶ୍ନ–**ମୋ ପ୍ରେମିକା ସହ ଅନେକ ଦିନ ହେବ ଭେଟ ହୋଇନି। ତା' କଥା ସବୁବେଳେ ମନେପଡୁଛି। ଭାବି ଭାବି ରାତି ପାହି ଯାଉଛି। ତା'ସହ କେବେ ଭେଟ ହେବ ?

*–ସୁମନ ରାଉତ, ଫୁଲବାଣୀ*

**ଉତ୍ତର:** 'ପାହିଲା ରାତି ସରିନି କଥା, ତଥାପି ମେଣ୍ଟୁନି ବିରହ ବ୍ୟଥା।' ଆପଣ ତ ନିଶ୍ଚୟ ଜାଣିଥିବେ ଅପେକ୍ଷାର ଫଳ ମିଠା। ଯଦି ଦୁହିଁଙ୍କ ଭିତରେ ଥିବା ପ୍ରେମରେ ଆବିଳତା ନ ଥିବ ତେବେ ଦିନେ ନା ଦିନେ ନିଶ୍ଚୟ ଭେଟ ହେବ। ନିଜ ମନର ମାନସୀକୁ ଆପଣ ସବୁବେଳେ ଭାବୁଛନ୍ତି ସେଥିରୁ ଜଣାପଡୁଛି ଯେ ଆପଣଙ୍କ ପ୍ରେମ କେତେ ଗାଢ଼। ବାସ୍, ଏପରି ବିରହକୁ ନେଇ ଚିନ୍ତା ନ କରି ମନକୁ ହାଲକା କରନ୍ତୁ। ଦେଖିବେ ହଠାତ୍ ଆପଣଙ୍କ ପ୍ରେମିକା ସାମ୍ନାରେ ଉଭା ହୋଇଯିବେ।

**ପ୍ରଶ୍ନ–**ମୋ ପ୍ରେମିକାକୁ ମୁଁ ଯେତେଥର ମ୍ୟାରେଜ ପ୍ରପୋଜାଲ ଦେଉଛି ସେ ତାକୁ କୌଣସି ନା କୌଣସି କାରଣ ଦର୍ଶାଇ ଏଡାଇ ଦେଉଛି। କ'ଣ କରିବି ?

*–ତନ୍ମୟ କୁମାର, ଯୋଡା, କେନ୍ଦୁଝର*

**ଉତ୍ତର:** ଆପଣଙ୍କ ପ୍ରେମରେ କିଛି କେଁ ପଶିଯାଇନି ତ ? ଯଦି ଦୁହିଁଙ୍କ ମନ ଏକାଠି ଅଛି ତେବେ ଭବିଷ୍ୟତରେ ବିବାହ କରି ସୁଖରେ ସଂସାର ଗଢ଼ିବାକୁ ପ୍ରେମିକା ଅମଙ୍ଗ ହେଉଛନ୍ତି କାହିଁକି ? ହୁଏତ ତା' ପଛରେ କିଛି କାରଣ ରହିଥାଇପାରେ। ପ୍ରଥମେ କାରଣ ଖୋଜି ତାହାର ସମାଧାନ କରନ୍ତୁ। ନ ହେଲେ ଏଭଳି ସମସ୍ୟା ଦିନକୁ ଦିନ ଜଟିଳ ହେବ ଏବଂ ଏପରି କି ତାହାର ପ୍ରଭାବ ଆପଣଙ୍କ ପ୍ରେମ ଉପରେ ପଡିବାର ଯଥେଷ୍ଟ ସମ୍ଭାବନା ରହିଛି।

**ପ୍ରଶ୍ନ–**ଜଣେ ଝିଅ ମୋତେ ଦେଖିଲେ ହସୁଛି, ହେଲେ ପାଖକୁ ଗଲେ ଖସୁଛି। ତା' ମତିଗତି କାହିଁକି ମୋତେ ଭଲ ଲାଗୁନି। ତାକୁ କେମିତି ପ୍ରେମ ନିବେଦନ କରିବି ଜାଣିପାରୁନାହିଁ।

*–ଆଦିତ୍ୟ ସାହୁ, ଢେଙ୍କାନାଳ*

**ଉତ୍ତର:** ସେହି ସୁନ୍ଦରୀର ହସିବା ଆଉ ଖସିବା ଭିତରେ ଆପଣ ଫୁଲ୍ ଫସି ଯାଇଛନ୍ତି। ତା' ଭିତରେ ମନରେ ଗୋଟିଏ ପ୍ରଶ୍ନ ବାରମ୍ବାର ଉଙ୍କି ମାରୁଛି ଯେ ତାକୁ କେମିତି ପ୍ରେମ ନିବେଦନ କରିବି। ସେ ଯେତେବେଳେ ହସୁଛି ତାକୁ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ। ହୁଏତ ଏହି ହସିବା ଏବଂ ଦେଖିଲେ ଖସିବା ଭିତରେ ଆପଣଙ୍କର ପ୍ରେମ ଲୁଚି ରହିଛି। ତେଣୁ ବେଳକାଳ ଦେଖି ତାକୁ ପ୍ରେମ ଜାଲରେ ଏମିତି ବାନ୍ଧି ଦିଅନ୍ତୁ ଯେ ସେ ଆଉ ସେଥିରୁ ମୁକୁଳି ପାରିବ ନାହିଁ।

**ପ୍ରଶ୍ନ–**ପ୍ରେମ କଥା ଶୁଣିଲା ବେଳକୁ ମୋତେ ଡର ଲାଗୁଛି। ହେଲେ ମୋ ସାଙ୍ଗମାନେ କହୁଛନ୍ତି ଯେ ନ ଡରି ପ୍ରେମ କର। ସେମାନଙ୍କ କଥାକୁ ଗ୍ରହଣ କରିବା କେତେ ଦୂର ଠିକ୍ ହେବ କହିବେ କି ସାଥୀ ?

*–ଅଶୋକ ସାହୁ, କେନ୍ଦ୍ରାପଡା*

**ଉତ୍ତର:** ଆପଣ ପ୍ରେମ କଥା ଶୁଣିଲା ବେଳକୁ ଡରୁଛନ୍ତି। କାହିଁକି ? ଆପଣ କ'ଣ ପୂର୍ବରୁ ପ୍ରେମ କରି ପ୍ରତାରିତ ହୋଇଛନ୍ତି ? ଯଦି ହଁ, ତେବେ ଗତସ୍ୟ ଶୋଚନା ନାସ୍ତି। ଯାହା ଘଟିଗଲା ତାକୁ ସବୁବେଳେ ମନ ଭିତରକୁ ଆଣି ନିଜ ମନରେ ବିଷାଦ ଭରିବା କେତେଦୂର ଯୁକ୍ତିଯୁକ୍ତ ତାହା ଚିନ୍ତା କରନ୍ତୁ। ବାକି ରହିଲା ସାଙ୍ଗମାନଙ୍କ କଥା। ସେମାନଙ୍କ କଥା ପଛରେ କିଛି ଅଭିସନ୍ଧି ନାହିଁ ତ ? ପ୍ରେମ ଘୋଡା ସବୁବେଳେ ନିଜ ବୁଦ୍ଧିରେ ହିଁ ଚଢ଼ନ୍ତୁ। ମନରୁ ଭୟ ଦୂର କରି ପ୍ରେମ ମଇଦାନକୁ ଓହ୍ଲାନ୍ତୁ। ଦେଖିବେ ଯେଉଁ ପ୍ରେମକୁ ନେଇ ଆପଣଙ୍କ ମନରେ ଆଶଙ୍କା ଭରି ରହିଛି ତାହା ଆପେ ଆପେ ଦୂର ହୋଇଯିବ।



ସାଥୀ

## ପ୍ରଥମ ରୋଜଗାର


# ଘରଭଡ଼ା ଓ ଖାଇବା ପିଇବାରେ ଦରମା ସରୁଥିଲା



କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ରର ନିର୍ମାତା **ପ୍ରେମାନନ୍ଦ ମାଝି** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଦେବଗଡ଼ରେ ମୋର ଜନ୍ମ। ରାଜା ବାସୁଦେବ ଉଚ୍ଚବିଦ୍ୟାଳୟରୁ ୧୯୮୬ରେ ମାଟ୍ରିକ୍ ପାସ୍ କରିବା ପରେ ଦେବଗଡ଼ ମହାବିଦ୍ୟାଳୟରେ ଯୁକ୍ତଦୁଇ ଓ ଯୁକ୍ତତିନି ପଢିଥିଲି। ଅଭିନୟ କରିବାକୁ ଇଚ୍ଛା ଥିବାରୁ କଲେଜ ପଢ଼ା ସମୟରେ ଅନେକ ଅଡିସନ୍ ବି ଦେଇଥିଲି। ହେଲେ କୌଣସି ସୁଯୋଗ ମିଳିଲା ନାହିଁ। ତେଣୁ ପଢା ସରିବା ପରେ ନିଜେ ଗୋଟିଏ ପ୍ରଡକ୍ସନ ହାଉସ୍ କରି ପ୍ରାମାଣିକ ଚଳଚ୍ଚିତ୍ର କରିବାକୁ ଅଣ୍ଟା ଭିଡିଲି। ଏଥିପାଇଁ ଭିଡିଓ କ୍ୟାମେରାର ଆବଶ୍ୟକତା ଥିବାରୁ ବାପାଙ୍କୁ ଏହା କିଣିଦେବା ପାଇଁ କହିଲି। କିନ୍ତୁ ବାପା ରାଜି ହେଲେନି। କାରଣ ସେ ଚାହୁଁଥିଲେ ମୁଁ ପାଠପଢି ଚାକିରି କରେ। ହେଲେ ମୋର ତ ଏହି ଦିଗରେ କ୍ୟାରିୟର୍ କରିବାକୁ ନିଶା ଥିଲା। ତେଣୁ ଭଡାରେ କ୍ୟାମେରା ଆଣି କାମ ଆରମ୍ଭ କରିଦେଲି। ବୋଉ ନାମରେ ପୂର୍ଣ୍ଣିମା ଫିଲ୍ମସ ବ୍ୟାନର କରି କେତେଜଣ ଲୋକାଲ ଆର୍ଟିଷ୍ଟଙ୍କୁ ନେଇ 'ସବୁଜ ସକାଳ' ନାମକ ଏକ ଭିଡିଓ ଫିଲ୍ମ ନିର୍ମାଣ କଲି। କିନ୍ତୁ ଫିଲ୍ମଟି ଫ୍ଲପ୍ ହେବାରୁ ମୋର ବହୁତ କ୍ଷତି ହେଲା। ବାପା ରାଗି କି ମୋତେ ଘରୁ ବାହାର କରିଦେଲେ। ଚଳିବା ପାଇଁ ଭୁବନେଶ୍ୱର ଆସି ଏକ ଘରୋଇ ଗଣମାଧ୍ୟମରେ ସାମ୍ବାଦିକତା ସହ କ୍ୟାମେରାମ୍ୟାନ୍‌ର କାମ କଲି। ଦରମା ୨୫୦୦ ଟଙ୍କା। ଏଥିରୁ କିଛି ଘରଭଡ଼ା ଓ ଖାଇବାପିଇବାରେ ଖର୍ଚ୍ଚ କରି ବାକି ଟଙ୍କା ସଞ୍ଚୟ କରୁଥିଲି। କିଛିଦିନ ପରେ ଘରଲୋକେ ବି ଜାଣିଗଲେ ଯେ, ମୁଁ ଏକ ସଂସ୍ଥାରେ କାମ କରି ନିଜ ଗୋଡରେ ଠିଆ ହେବାକୁ ଚେଷ୍ଟା ଚଳେଇଛି। ତେଣୁ ଘର ଛାଡି ଆସିବାର ପ୍ରାୟ ଦୁଇ ବର୍ଷ ପରେ ଯେବେ ସାହସ କରି ଘରକୁ ଗଲି ଘରେ ସମସ୍ତେ ମୋ ଉପରେ ବହୁତ ଖୁସି ହୋଇଥିଲେ। ଗଲାବେଳେ ମୋ ରୋଜଗାରରେ ବୋଉ ପାଇଁ ଗୋଟେ ଶାଢି ନେଇକି ଯାଇଥିଲି, ଯାହା ତାକୁ ବହୁତ ପସନ୍ଦ ଆସିଥିଲା। ପ୍ରାୟ ଛଅ ବର୍ଷ ଉକ୍ତ ଗଣମାଧ୍ୟମ ସଂସ୍ଥାରେ କାମ କରିବା ପରେ ଚାକିରି ଛାଡି ସଞ୍ଚିତ ଟଙ୍କାରେ ନିଜର ଏକ ଭିଡିଓ କ୍ୟାମେରା କିଣିଲି ଆଉ ଫ୍ରିଲାନ୍ସିଂରେ କ୍ୟାମେରାମ୍ୟାନ୍‌ର କାମ କଲି। ତା'ସହିତ ପୂର୍ଣ୍ଣିମା ଫିଲ୍ମସ ବ୍ୟାନରରେ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ତଥା ମ୍ୟୁଜିକ୍ ଭିଡିଓ ନିର୍ମାଣ କରିବା କାମ ପୁଣି ଆରମ୍ଭ କରିଦେଲି। ଏହି ସମୟରେ ନିଜସ୍ୱ ଉଦ୍ୟମରେ 'ପର୍ଯ୍ୟଟନ ଦେବଗଡ଼' ନାମକ ଏକ ଘଣ୍ଟିକିଆ ସୂଚନାତ୍ମକ ଚଳଚ୍ଚିତ୍ର ନିର୍ମାଣ କରି ସଫଳତା ପାଇଥିଲି, ଯାହା ପରେ ଡିଡି–୧ରେ ପ୍ରସାରିତ ମଧ୍ୟ ହୋଇଥିଲା। ଏହାପରେ ଗୋଣ୍ଡ ଜନଜାତିଙ୍କର ଦେବତା ଜଙ୍ଘାଦେବ ଠାକୁରଙ୍କ ସମ୍ପର୍କରେ ଏକ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ମଧ୍ୟ ନିର୍ମାଣ କଲି। ଏହା ବି ଡିଡି–୧ରେ ପ୍ରସାରିତ ହେବା ପରେ ମୋତେ ଅନେକ ସଫଳତା ମିଳିଥିଲା। ତା'ପରେ 'ଜୟ ଜଗନ୍ନାଥ ସ୍ୱାମୀ', 'ଚାଲ ଚାଲରେ କାଉଡିଆ', 'ଶୁଭ କଳସ' ନାମକ ତିନୋଟି ଭଜନ ଭିସିଡି ନିର୍ମାଣ କଲି। ଏହା ମଧ୍ୟ ମାର୍କେଟ୍‌ରେ ଭଲ ଆଦୃତ ହେଲା। ଏହାପରେ ମୋତେ କ୍ରମାଗତ ଭାବେ ଓଡ଼ିଶା ସରକାରଙ୍କ ମୃତ୍ତିକା ସଂରକ୍ଷଣ ବିଭାଗ ଏବଂ ଜଳପରିମଳ ମିଶନ ତରଫରୁ ଓଡ଼ିଶାର ବିଭିନ୍ନ ଜିଲା ପାଇଁ ସୂଚନାତ୍ମକ ଚଳଚ୍ଚିତ୍ର ପ୍ରସ୍ତୁତ କରିବାର ସୁଯୋଗ ମିଳିଚାଲିଲା। ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ପ୍ରାୟ ୨୦୦ଟି ଏବଂ ଜଳ ପରିମଳ ମିଶନ ତରଫରୁ ପ୍ରାୟ ୧୫୦ଟି ସୂଚନାତ୍ମକ ଚଳଚ୍ଚିତ୍ର ଯା'ଭିତରେ ମୁଁ ପ୍ରସ୍ତୁତ କରିସାରିଲିଣି। ତନ୍ମଧ୍ୟରୁ ଜଳ ପରିମଳ ମିଶନ ତରଫରୁ ପ୍ରସ୍ତୁତ 'ମାଛିର କାହାଣୀ' ନାମକ ଏକ ସୂଚନାତ୍ମକ ଚଳଚ୍ଚିତ୍ରଟି ନ୍ୟାଶନାଲ୍ ଫିଲ୍ମ ଡେଭେଲପ୍‌ମେଣ୍ଟ କର୍ପୋରେଶନରେ ପ୍ରଦର୍ଶିତ ହୋଇସାରିଲାଣି, ଯାହା ମୋ ପାଇଁ ଏକ ଗର୍ବର କଥା। ଏହାଛଡ଼ା ନିଜ ବ୍ୟାନର୍‌ରେ ୫୨ ଏପିସୋଡ୍ ବିଶିଷ୍ଟ 'ରୁପାଜହ୍ନ' ନାମକ ଏକ ଧାରାବାହିକ ମଧ୍ୟ ମୁଁ ପ୍ରସ୍ତୁତ କରିଛି, ଯାହା ଡିଡି–୧ରେ ପ୍ରସାରିତ ହୋଇ ମୋତେ ଅନେକ ସଫଳତା ଆଣି ଦେଇଛି। ସେହିପରି ବିଭିନ୍ନ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରି ସଫଳତା ପାଇଥିବାରୁ ଯା'ଭିତରେ ଓଡିଶାର ବିଭିନ୍ନ ସଂସ୍ଥା ତରଫରୁ ମୋତେ ଅନେକ ପୁରସ୍କାର ଓ ସମ୍ମାନ ମଧ୍ୟ ମିଳିସାରିଲାଣି। ଆଉ ଏବେ ବି ମୋର କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କାର୍ଯ୍ୟ ସେମିତି ଚାଲିଛି। ଭବିଷ୍ୟତରେ ଓଡିଶା ସରକାରଙ୍କ ଅନ୍ୟ ବିଭାଗ ସହ କିପରି ସଂଶ୍ଲିଷ୍ଟ ହୋଇ ଏ ଦିଗରେ ଅଧିକରୁ ଅଧିକ କାମ କରିବି, ସେଥିପାଇଁ ବି ମୋର ଚେଷ୍ଟା ଜାରି ରହିଛି।

# ରୀନା ରୟ







ହିନ୍ଦୀ ଫିଲ୍ମ ଜଗତର ଏକ ପରିଚିତ ନାମ ରୀନା ରୟ। ନିଜର ଅପରୂପ ସୌନ୍ଦର୍ଯ୍ୟ ଆଉ ଅଭିନୟ କୁଶଳତାରେ ସେ ସିନେମା ଦର୍ଶକଙ୍କ ହୃଦୟରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ। ୧୯୭୨ରୁ ୧୯୮୫କୁ ରୀନା ରୟଙ୍କ ଯୁଗ ବୋଲି କୁହାଯାଏ। ଏହି ସମୟରେ ମୁକ୍ତିଲାଭ କରିଥିବା ଫିଲ୍ମଗୁଡ଼ିକରେ ରୀନାଙ୍କୁ ଲିଡ୍ ରୋଲରେ ଦେଖିବାକୁ ମିଳୁଥିଲା। ୧୯୯୮ରେ ସେ ଫିଲ୍ମଫେୟାର ଲାଇଫଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ହାସଲ କରିଥିଲେ। ରୀନାଙ୍କ ଫିଲ୍ମଗୁଡ଼ିକ ମଧ୍ୟରୁ ଅଧିକାଂଶ ନାରୀ ପ୍ରାଧାନ୍ୟ ଫିଲ୍ମ ଥିଲା। ଆଉ ସେ ସେହିସବୁ ଚରିତ୍ରକୁ ଜୀବନ୍ତ କରି ତୋଳିବାରେ ଶତପ୍ରତିଶତ ସଫଳ ହୋଇଥିଲେ। ରୀନା ରୟଙ୍କର ସିନେମାର ତାଲିକା ଯେତିକି ଲମ୍ବା ତାଙ୍କର ହିରୋଙ୍କ ତାଲିକା ମଧ୍ୟ ସେତିକି ଲମ୍ବା। ସୁନୀଲ ଦତ୍ତଙ୍କଠୁ ଆରମ୍ଭ କରି ଜିତେନ୍ଦ୍ର – ଏମାନଙ୍କ ସହିତ ରୀନାଙ୍କର କେମେଷ୍ଟ୍ରିକୁ ଦର୍ଶକମାନେ ଆଜି ମଧ୍ୟ ସ୍ମରଣ କରିଥାନ୍ତି।

**ପରିବାର :** ରୀନା ରୟ ଏକ ମୁସଲିମ୍ ପରିବାରରେ ଜନ୍ମ ହୋଇଥିଲେ। ତେବେ ତାଙ୍କର ବାପା ମୁସଲିମ୍ ଥିବା ବେଳେ ମା' ଥିଲେ ଜଣେ ହିନ୍ଦୁ । ରୀନାଙ୍କୁ ଛାଡ଼ି ତାଙ୍କର ଦୁଇଭଉଣୀ ବରଖା, ଅଞ୍ଜୁ ଓ ଜଣେ ଭାଇ ରାଜା ଥିଲେ। ପାରିବାରିକ ସୁଖ ସେମାନଙ୍କୁ ଯେଉଁଭଳି ଭାବରେ ମିଳିବା କଥା ମିଳି ନ ଥିଲା। କାରଣ ତାଙ୍କ ବାପାମା' ପରସ୍ପରକୁ ଛାଡ଼ପତ୍ର ଦେଇଥିଲେ। ଛାଡ଼ପତ୍ରର କାରଣ ଠିକ୍ ଭାବରେ ଜଣା ନ ଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ଥିବା ଧର୍ମଗତ ତଥା ନୀତିଗତ ବିବାଦ ଏହାର ମୂଳରେ ଥାଇପାରେ ବୋଲି ଅନୁମାନ କରାଯାଏ। ରୀନା ରୟ ଖୁବ୍ କମ୍ ବୟସରେ ଫିଲ୍ମ ଜଗତକୁ ପ୍ରବେଶ କରିଥିଲେ। କେହିକେହି କୁହନ୍ତି ଯେ, ବାପାମା'ଙ୍କ ଛାଡ଼ପତ୍ର ପରେ ପାରିବାରିକ ସ୍ଥିତି ଦୋହଲି ଯାଇଥିଲା। ଆର୍ଥିକ ଅସ୍ୱଚ୍ଛଳତା ଆକ୍ରାନ୍ତ କରିଥିଲା। ପରିବାରକୁ ଆର୍ଥିକ ସଙ୍କଟରୁ ଉଦ୍ଧାର କରିବା ପାଇଁ ରୀନା ରୟ ଫିଲ୍ମ ଇଣ୍ଡଷ୍ଟ୍ରିକୁ ପ୍ରବେଶ କରିଥିଲେ। ମାତ୍ର ରୀନା ଏଭଳି କଥାକୁ ଏକାଧିକ ଥର ଖୋଲାଖୋଲି ଭାବରେ ଖଣ୍ଡନ କରିଦେଇଥିଲେ। ତାଙ୍କ ମତରେ ଏସବୁ ଥିଲା ଗୋଟେ ଗୋଟେ ରୋଚକ ଗୁଜବ। ଏହା ପଛରେ କୌଣସି ସତ୍ୟତା ନ ଥିଲା। ସେ ଫିଲ୍ମ ଇଣ୍ଡଷ୍ଟ୍ରିକୁ ପ୍ରବେଶ କରିଥିଲେ – କାରଣ ତାଙ୍କ ଭିତରେ କଳାକାର ହେବାକୁ ପ୍ରଚଣ୍ଡ ଇଚ୍ଛା ଥିଲା।

**ବଲିଉଡ୍‌କୁ 'ଗୁଡବାଏ' :** ୧୯୮୩ରେ ଯେତେବେଳେ ବଲିଉଡ୍‌ରେ ରୀନା ରୟଙ୍କ ଖ୍ୟାତି ଶୀର୍ଷରେ ରହିଥିଲା ଠିକ୍ ସେତିକିବେଳେ ସେ ବଲିଉଡ୍‌କୁ 'ଗୁଡ୍ ବାଏ' କରିବାକୁ ନିଷ୍ପତ୍ତି ନେଇ ସମସ୍ତଙ୍କୁ ଚମକେଇ ଦେଇଥିଲେ। ଏହାର କାରଣ ଥିଲା ପାକିସ୍ତାନୀ କ୍ରିକେଟିୟର ମହସିନ୍ ଖାନ୍‌ଙ୍କ ପ୍ରେମ। ମହସିନ୍ ଖାନ୍ ଓ ରୀନା ରୟଙ୍କ ପ୍ରେମ ସେତେବେଳେ ବଲିଉଡ୍ ପାଇଁ ଥିଲା ଏକ ଅତ୍ୟନ୍ତ ରୋଚକ ଖବର। ରୀନା ରୟ କେବଳ ମହସିନ୍ ଖାନ୍‌ଙ୍କୁ ପ୍ରେମ କରୁ ନ ଥିଲେ ; ଅଧିକନ୍ତୁ ତାଙ୍କୁ ମ୍ୟାରେଜ୍ କରିଥିଲେ ମଧ୍ୟ। ମାତ୍ର ଏହି ବିବାହ ବେଶିଦିନ ତିଷ୍ଠି ନ ଥିଲା। ସେମାନେ ପରସ୍ପରକୁ ଛାଡ଼ପତ୍ର ଦେଇଥିଲେ।

**ଜରୁରତ୍ ଗର୍ଲ :** ରୀନା ରୟ ବି'ଗ୍ରେଡ୍ ଫିଲ୍ମରୁ ହିଁ ଅଭିନେତ୍ରୀ ଜୀବନ ଆରମ୍ଭ କରିଥିଲେ। ତାଙ୍କର ପ୍ରଥମ ଫିଲ୍ମ ଥିଲା 'ନୟୀ ଦୁନିଆ ନୟେ ଲୋଗ୍' । ତାଙ୍କ ବିପକ୍ଷରେ ଥିଲେ ନବାଗତ ଡାନୀ ଡେନ୍‌ଜୋଙ୍ଗ୍‌ପା। ମାତ୍ର ରୀନାଙ୍କ କ୍ୟାରିୟର୍ ଗଢ଼ିବାରେ ଏହି ଫିଲ୍ମ କୌଣସି ସହାୟକ ହୋଇ ନ ଥିଲା। ପୁଣି ଏକ ବି' ଗ୍ରେଡ୍ ଫିଲ୍ମ ତାଙ୍କ ହାତକୁ ଆସିଲା – 'ଜରୁରତ୍' । 'ଜରୁରତ୍'ରେ ବି ତାଙ୍କ ବିପକ୍ଷରେ ଥିଲେ ଡାନୀ। ଏଥିସହିତ ଥିଲେ ଆଉ ଜଣେ ନବାଗତ ବିଜୟ ଅରୋରା। ବି'ଗ୍ରେଡ୍ ଫିଲ୍ମ ହୋଇଥିଲେ ମଧ୍ୟ 'ଜରୁରତ୍'କୁ କିଛି ପରିମାଣରେ ରେସପନ୍ସ ମିଳିଥିଲା। ଆଉ ଏଥିରୁ ଅନ୍ୟମାନଙ୍କ ତୁଳନାରେ ବେଶି ଲାଭବାନ ହୋଇଥିଲେ ରୀନା। ରୀନାଙ୍କୁ ଲୋକମାନେ 'ଜରୁରତ୍ ଗର୍ଲ' ବୋଲି ଡାକିବା ଆରମ୍ଭ କରିଦେଇଥିଲେ। ତଥାପି ଏତିକି ସଫଳତା ନ ଥିଲା ବଲିଉଡ୍‌ରେ ତିଷ୍ଠି ରହିବା ପାଇଁ। ମାତ୍ର ରୀନା ନିଷ୍ପତ୍ତି ନେଇ ସାରିଥିଲେ ଯେ, କୌଣସି ବି ଉପାୟରେ ହେଉ ସେ ବଲିଉଡ୍‌ରେ ରହିବେ ଆଉ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିବେ। ଏହି ସମୟରେ ଦୁଇଟି ଗୀତରେ ଡ୍ୟାନ୍ସ କରିବାର ଅଫର ତାଙ୍କୁ ମିଳିଲା। ଏହି ଦୁଇଟି ଗୀତ ମଧ୍ୟରୁ ଗୋଟିଏ ବର୍ଷାରେ ଭିଜିଭିଜି ବେଶ୍ ଉତ୍ତେଜକ ମୁଦ୍ରାରେ ଜିତେନ୍ଦ୍ରଙ୍କ ସହିତ ନୃତ୍ୟ କରିବାର ଥିଲା। ସେହି ନୃତ୍ୟ ହିଁ ରୀନାଙ୍କୁ ଏକ ବୃହତ୍ତର ଦର୍ଶକ ତଥା ଫିଲ୍ମ ଜଗତର ବଡ଼ପଣ୍ଡାଙ୍କ ନିକଟକୁ ନେଇଯିବାରେ ସହାୟକ ହୋଇଥିଲା। ଏହା ପରେ ରୀନାଙ୍କ ହାତକୁ ଗୋଟିଏ ପରେ ଗୋଟିଏ ଫିଲ୍ମ ଆସିବାକୁ ଲାଗିଲା।









# ଭାଗ୍ୟ

– ଦେବାଶିଷ ସାମନ୍ତରାୟ

ନିୟମ ବାହାରକୁ ଯିବା ତା' ପାଇଁ ଉଚିତ ନୁହେଁ। ଚେତାବନୀ ପାଇ ସାରିବା ପରେ ସେ ନିଜକୁ ସଜାଗ ରଖିବାର ନିଷ୍ପତ୍ତି ନେଲା। ଦୁଃଖଗୁଡ଼ିକ ବାଣ୍ଟିହୋଇ ନ ପାରି ସନ୍ତୁଳି ହେଉଥିଲେ। ବନ୍ଦ ଥିବା କାଚଡବା ଭିତରେ ମେଞ୍ଚାଏ ଧୂଆଁ କୁଆଡ଼କୁ ଯିବାର ବାଟ ନ ପାଇ ରୁନ୍ଧିହେବା ପରି।

ତା'ଠୁ ଅଧିକ ଦୁଃଖୀ କିଏ ଥାଇପାରେ ? ସେ କଳ୍ପନା କରିପାରୁ ନ ଥିଲା। ତେଣୁ ଏଇ କଷ୍ଟର ଦିନଗୁଡ଼ିକ ତାକୁ ଖୁବ୍ ଲମ୍ବା ମନେ ହେଉଥିଲା।

ନିଜର ଦୁର୍ଗତି ପାଇଁ ନିଜ ଛଡ଼ା କାହାକୁ ଦୋଷ ଦେଇହେବ ? ସେ ଚିନ୍ତା କରିପାରୁ ନ ଥିଲା। ଦୁଇରାତି କ୍ରମାଗତ ଅନିଦ୍ରା ରହି ଛଟପଟ ହେଲା ଓ ନିଷ୍ପତ୍ତି ନେଲା: ମତେ ଭଲ କାମ ମିଳିବାର କୌଣସି ଆଶା ନାହିଁ। ଯେଉଁ କାମଟି ମିଳିଛି, ହେଉ ପଛେ ଛୋଟ, ତାକୁ ଭଲରେ ମନଯୋଗ ସହକାରେ କରିପାରିବି ତ। ଯେମିତି କେହି ଦୋଷ ଦେଇପାରିବେନି। ନା ମାଲିକାଣୀ। ନା ବାବୁ।

ମନଦେଇ ଘରର ସବୁ କାମ କରିସାରିବା ପରେ ମାଲିକାଣୀ ଝୁଲୁଥିବା ଦୋଳି ପାଖକୁ ଯାଇ ଠିଆହେଲା।

– କ'ଣ କହିବୁ ?

– ନା ମ୍ୟାଡାମ୍। ମୋ ମନରେ ଗୋଟିଏ ପ୍ରଶ୍ନ। ଆମ ବାବୁ ଏତେ ପରିଶ୍ରମ କାହିଁକି କରୁଛନ୍ତି ? ଏ ସମ୍ପତ୍ତି କିଏ ଖାଇବ ?

ତା'ର ଏ ପ୍ରଶ୍ନରେ ସାମାନ୍ୟ ବିଚଳିତ ହେଲେନି ମାଲିକାଣୀ। ବିରକ୍ତ ହୋଇ କହିଲେନି– ତୁ ଚାକର ପିଲାଟା। ବ୍ୟକ୍ତିଗତ କଥା କାହିଁକି ପଚାରୁଛୁ ?

ସେ ଜାଣେ, ତା' ବାବୁ ଖୁବ୍ ବଡ଼ଲୋକ। ନଚେତ ଖବରକାଗଜରେ ତାଙ୍କ ନାଁ ସହ ଫଟୋ ବାହାରନ୍ତାନି କି ଦାମୀ କାର୍‌ଗୁଡ଼ିକରେ ବଡ଼ବଡ଼ିଆଙ୍କର ଭିଡ଼ ଜମନ୍ତାନି ଏଇ ଘରେ, ବାବୁ ଥିଲା ଦିନଗୁଡିକରେ।

ଏଇ ସହରର ସବୁଠାରୁ ଭବ୍ୟ ପ୍ରାସାଦ ବାବୁଙ୍କର। ସେ ବୁଝିପାରେନି ବାବୁଙ୍କୁ। ବାବୁଙ୍କ ଭାଗ୍ୟକୁ,ଯାହା ତା' ଆଗରେ ସୁନା ପରି ଚକ୍‌ଚକ୍ କରୁଥାଏ। ନିଜ ପୋଡ଼ା ଭାଗ୍ୟକୁ ଆଦରି ସେ ବାବୁଙ୍କର ସବୁ ଗାଳିକୁ ସହିନେଇଛି। ସେ ନୂଆ ଆସିଲାବେଳେ କେତେ କହିଛନ୍ତି: ମଫ ଭଳି କିଛି ନ ଦେଖିଲା ପରି ଗୋଟିଏ ଜିନିଷ ଆଡ଼କୁ ଚାହିଁ ରହୁଛୁ କାହିଁକି ?... ତତେ ଏସବୁ ଡ୍ରେସ୍ ଦିଆଗଲା, ତଥାପି ପରିଷ୍କାର ପରିଚ୍ଛନ୍ନ କାହିଁକି ରହୁନାହୁଁ ?... ଚୁଙ୍ଗୁଚୁଙ୍ଗୁ କାହିଁକି ହେଉଛୁ ?... ଜୀବନରେ କୌଣସି ସୁନ୍ଦରୀ ସ୍ତ୍ରୀଲୋକ ଦେଖି ନ ଥିଲୁକି ?... ମ୍ୟାଡାମ୍‌ଙ୍କୁ ଚାହିଁଲା ବେଳେ ତୋ ଆଖିର ପଲକ ପଡୁନି ? ଇତ୍ୟାଦି...

ସେ ସଜାଡ଼ି ନେଇଥିଲା ନିଜକୁ, ଯେମିତି ଆଉଥରେ ବାବୁଙ୍କୁ ବିରକ୍ତ ହେବାକୁ ନ ପଡ଼େ। ସେ ହିଁ ତ ଅନ୍ନଦାତା। ରାତିରେ ଶୋଇବାକୁ ଗଲାବେଳେ ସହଜରେ ନିଦ ଆସେନା। ସମାଜରେ କେତେ ପ୍ରଭେଦ। ଆମେ ଗରିବମାନେ ଖଟି ଖାଇ ଅନ୍ୟ ହାତକୁ ଅନେଇ ବସିବୁ। ଏଇଭଳି ବାବୁମାନେ ବୟସରେ ମୋଠାରୁ ସାତ ଆଠବର୍ଷ ବଡ଼ ହେବେ କି ନା ଦେଖ ତ– ଟଙ୍କାର ଗଦାରେ ଶୋଉଛନ୍ତି। ଖର୍ଚ୍ଚ କରିବାକୁ ବେଳ ଅଣ୍ଟୁନି। ୟାକୁଇ ସିନା କୁହନ୍ତି ଭାଗ୍ୟ।

ହଠାତ୍ ସବୁକିଛି ଓଲଟ ପାଲଟ ହୋଇଗଲା।

'ଗଲାବେଳେ ମଣିଷ କିଛି ନେଇ ଯାଏନି' ଏ କଥା ପ୍ରମାଣିତ କରି ବାବୁ ଚାଲିଗଲେ ଏକ ରାସ୍ତା ଦୁର୍ଘଟଣାରେ। ଭାଙ୍ଗିପଡ଼ିଲା ଅସୁମାରି ସ୍ୱପ୍ନ। ପାହାଡ଼ ପ୍ରମାଣ ଦର୍ପ ଆଉ ଗର୍ବ। ମାଲିକାଣୀ ମୁହଁ ଶୁଖେଇ ବସିଲେ। କାହାକୁ କିଛି କହିଲେନି। କେବଳ ଇନ୍‌ସ୍ୟୁରାନ୍ସ ସଂସ୍ଥାର ଲୋକମାନେ ଆସୁଥିଲେ। କିଛି ଦସ୍ତଖତ ବଦଳରେ ଦେଇ ଯାଉଥିଲେ ମୋଟା ଅଙ୍କର ଚେକ୍‌ମାନ। ମାଲିକାଣୀ ଚାହିଁଲେନି, ବାହାରର କେହି ଲୋକ ଆସି ସମବେଦନା ଜଣାଉ। ବରଂ ଆଦେଶ କମ୍ ଅନୁରୋଧ ବେଶି ଥିବା କଣ୍ଠରେ କହିଲେ– 'ଏତେବଡ଼ ବଙ୍ଗଳାରେ ଏକୁଟିଆ ରହିବାକୁ ମତେ କେମିତି ମାଡ଼ିମାଡ଼ି ପଡୁଛି। ତମେ ସେ ସରଭେଣ୍ଟ ରୁମ୍‌ରେ ଆଉ ରୁହନି। ଏଇ ଭିତରକୁ ସିଫ୍ଟ କରିଯାଅ।'

କିଛିମାସ ପରେ ଏକ ଶୀତକାଳୀନ ପୂର୍ଣ୍ଣମୀ ସନ୍ଧ୍ୟାକୁ ଉପଭୋଗ କରୁଥିଲେ ମାଲିକାଣୀ। ବଂଲୋ ଆଉ ପାଚେରି ମଝିରେ ତିଆରି ହୋଇଥିବା ବଗିଚାର ଏକ ଝୁଲା ଦୋଳିରେ।

ସୁଶୀତଳ ପବନରେ ବହି ଆସୁଥିବା ନାନା ପୁଷ୍ପରାଜିର ସୁଗନ୍ଧରେ ପୁଲକିତ ହୋଇ କହୁଥିଲେ– ଏବେ ବୁଝିପାରିଲ ବୁଦ୍ଧୁ ? ଆଗରୁ ପଚାରୁଥିଲ ନା, ବାବୁ କାହିଁକି ଏତେ ପରିଶ୍ରମ କରୁଛନ୍ତି ? କାହା ପାଇଁ ?

''ସେ ଦିନରାତି ଏକ କରି ଦେଇଥିଲେ, କେବଳ ତମ ପାଇଁ !''

*ଇ–୩୯୫, ସେକ୍ଟର–୬*
*ସିଡିଏ, କଟକ*

# ବଦଳୁଥାଏ

– କାଠି ସାହୁ



ଦେହ ବସ୍ତ୍ର
କାହାକୁ କିଏ ଛାଡ଼ିପାରେ ?
ଦେହ ବସ୍ତ୍ର ଛାଡ଼ିଲେ
ଲଙ୍ଗଳା
ବସ୍ତ୍ର ଦେହ ଛାଡ଼ିଲେ
ଅଲୋଡ଼ା
ବସ୍ତ୍ର ଭିତରେ ଦେହ
ଦେହ ଭିତରେ ଆତ୍ମା
ବସ୍ତ୍ର ବଦଳେ
ଆତ୍ମା ବି ଦେହ ବଦଳାଏ
ବଦଳୁଥିବା ସମୟ ଭିତରେ ଜୀବନ
ଛାଇ ଆଲୁଅର ଖେଳ
ଖେଳିଖେଳି ସିଏ ବି
ଏମିତି ଦିନେ ବଦଳୁଥାଏ ॥

*– ବନ୍ତଳା ବଜାର,*
*ଅନୁଗୋଳ*



# କବିର ଆତ୍ମକାହାଣୀ

– ଶକ୍ତି ସ୍ୱାଇଁ



କବି ହେବା ପାଇଁ ଚାହିଁଲେ କି ହେବ
ଭାଗ୍ୟେ ମୋର ଲେଖା ନାହିଁ
ପ୍ରେରଣାର ଉତ୍ସ କେଉଁଠୁ ମିଳିବ
ମନେ ଯଦି ଶାନ୍ତି ନାହିଁ ॥
କବି ମନ ମୋର ଆଦର ଖୋଜୁଛି
ସୁନ୍ଦର ସୃଜନ ପାଇଁ
ନୈରାଶ୍ୟରେ ଭରା ଜୀବନ କଟିଲେ
କଲମ ଚାଲିବ ନାହିଁ ॥
ମନ ଖୋଲି ଗୀତ ମୁଁ ଲେଖି ବସିଲେ
ଦୁନିଆ କରିବ ଥଟ୍ଟା
କି ଲେଖା ଲେଖିବି ସମାଜ ପାଇଁ କି
ଖାଲି ଖାତା କରେ ମୋଟା ॥

*– ଏଲ୍.ପି. ୧୧, ଷ୍ଟେଜ୍–୪,*
*ବିଡିଏ କଲୋନୀ,*
*ଜେଲ୍‌ଛକ, ଝାରପଡ଼ା,*
*ଭୁବନେଶ୍ୱର*

# ପୂରଣ ହେଲା ଆଶା

ନବାଗତ ସମ୍ବିତ କୁମାର। ଏକାଧାରରେ ସିନେମା ପ୍ରଯୋଜନା କରିବା, ନିର୍ଦ୍ଦେଶନା ଦେବା ତା'ସହ ମୁଖ୍ୟ ଭୂମିକାରେ ଅଭିନୟ କରିବା ଛୋଟିଆ କଥା ନୁହେଁ। ହେଲେ ଏହି ଜିନିଷଗୁଡିକୁ ବେଶ୍ ସୂଚାରୁ ଭାବରେ ନେଇ ଆଣି ଥୋଇବାରେ ସକ୍ଷମ ହୋଇଛନ୍ତି ସେ। ବେଶ୍ କେତୋଟି ଭିଡିଓ ଆଲବମ ଏବଂ କ୍ଷୁଦ୍ର ଚଳଚ୍ଚିତ୍ରରୁ ସାଉଁଟି ଥିବା ଅଭିଜ୍ଞତାକୁ ପାଥେୟ କରି ସେ ଏକ ଓଡ଼ିଆ ସିନେମା ନିର୍ମାଣ କରିବାକୁ ଯୋଜନା କରିଥିଲେ। ପରିଶେଷରେ ତାଙ୍କର ଆଶା ପୂରଣ ହୋଇଥିଲା ଏବଂ ତାଙ୍କ ପ୍ରଯୋଜିତ, ନିର୍ଦ୍ଦେଶିତ ଏବଂ ଅଭିନୀତ ଓଡ଼ିଆ ଚିତ୍ର 'ତୁ ମୋ ସୁଇଟ୍ ସିକ୍ସଟିନ୍' ନିକଟରେ ରିଲିଜ ହୋଇଛି। ଏ ବିଷୟରେ ସମ୍ବିତ କହନ୍ତି, 'ଏକ ଟିନ୍ ଏଜ୍ ଲଭ ଷ୍ଟୋରିକୁ ନେଇ ଏହି ଫିଲ୍ମଟି ନିର୍ମାଣ କରିଛି। କାହାଣୀକୁ କିପରି ଠିକ ଭାବରେ ଉପସ୍ଥାପନା କରାଯିବ ସେ ନେଇ ଯଥାସମ୍ଭବ ଉଦ୍ୟମ କରାଯାଇଛି। ଅନ୍ୟପକ୍ଷରେ ମୋ ଅପୋଜିଟ୍‌ରେ ନାୟିକା ଭାବରେ ଅଭିନୟ କରିଥିବା ସୋନାଲି ଯଦିଓ ପୂର୍ବରୁ କେତୋଟି ଧାରାବାହିକରେ ଅଭିନୟ କରିଛନ୍ତି ହେଲେ ଏହା ହେଉଛି ତାଙ୍କର ପ୍ରଥମ ଚଳଚ୍ଚିତ୍ର। ଏହାପରେ ଆଉ କେତୋଟି କାହାଣୀ ଚୟନରେ ମୁଁ ନିଜକୁ ନିୟୋଜିତ ରଖିଛି। ଦର୍ଶକଙ୍କ ମନକୁ ଛୁଇଁଲା ଭଳି ସିନେମା ନିର୍ମାଣ କରିବାକୁ ମୁଁ ଉଦ୍ୟମ କରିବି।' କାହାଣୀ ଅନୁସାରେ ପ୍ରିୟା ନାମ୍ନୀ ଜଣେ ୧୬ବର୍ଷୀୟା କଲେଜ ପଢୁଆ ଝିଅ ପ୍ରେମରେ ପଡିଯାଉଛି ପ୍ରେମ୍। ତା'ପରେ ପରିସ୍ଥିତିରେ ପଡି ଦୁହେଁ ଫେରାର ହୋଇଯାଉଛନ୍ତି। ଅନ୍ୟପଟରେ ନିଜ ବାପାଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ପ୍ରତିଶ୍ରୁତିବଦ୍ଧ ପ୍ରେମ। ତେବେ ଏସବୁକୁ ସେ କିପରି ମ୍ୟାନେଜ କରୁଛି ତାହା ଫିଲ୍ମରେ ଦେଖିବାକୁ ପାଇବେ। ଚନ୍ଦ୍ରାବତୀ ଭିଜନ ବ୍ୟାନରରେ ଏହି ଫିଲ୍ମରେ ନବାଗତ ସମ୍ବିତ କୁମାର ଏବଂ ସୋନାଲିଙ୍କ ବ୍ୟତୀତ ଦୁଷ୍ମନ୍ତ ପଣ୍ଡା, କାଜଲ ମିଶ୍ର, ରବି ମିଶ୍ର, ଟନିଆ ଅମର, ଗୁଞ୍ଜୁ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଫିଲ୍ମରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଗଣେଶ ପ୍ରସାଦ।




ସମ୍ବିତ୍ କୁମାର-ସୋନାଲି


ଜାହ୍ନବୀ

# ପ୍ରେମ ନୁହେଁ ଆକ୍ଟିଂ

ବଲିଉଡ୍‌ରେ ପାଦ ଦେଉ ଦେଉ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛନ୍ତି ଶ୍ରୀଦେବୀ ତନୟା ଜାହ୍ନବୀ କପୁର। ପ୍ରଥମ ସିନେମା 'ଧଡ଼କ୍' ରିଲିଜ ହୋଇସାରିଛି। ଏଥିରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ ନବାଗତ ଇଶାନ ଖଟ୍ଟର। କଥା କ'ଣ କି ଦୁହେଁ କୁଆଡେ ଏବେ ପ୍ରେମରେ ଉବୁଟୁବୁ। 'ଧଡ଼କ୍'ର ଶୁଟିଂ ସେଟ୍‌ରୁ ଏହି ପ୍ରେମର ଆରମ୍ଭ। ହେଲେ ଏଭଳି କଥାକୁ ଗ୍ରହଣ କରିବାକୁ ଜାହ୍ନବୀ ନାରାଜ। ସେ କହନ୍ତି, 'ମୁଁ କ'ଣ ବଲିଉଡକୁ ଆସିଛି ଆଉ କାହା ସହ ପ୍ରେମରେ ଉବୁଟୁବୁ ହେବାକୁ ? ମୋର ଗୋଟିଏ ଲକ୍ଷ୍ୟ ଆକ୍ଟିଂ। ଯା ଭିତରେ ମୋ ସହ ଇଶାନଙ୍କୁ ଯୋଡି ଅନେକ କଥା ଆଲୋଚନା ହେଲାଣି। କେହି କେହି କହୁଛନ୍ତି ଯେ, ଆମେ ଅଧିକାଂଶ ସମୟରେ ଡେଟିଂରେ ଯାଉଛୁ। ହେଲେ ଏସବୁ କଥା ପଛରେ ଆଦୌ ସତ୍ୟତା ନାହିଁ। ତତଲା ପାଣିରେ କ'ଣ ଘର ପୋଡିଯାଏ ? ତେଣୁ ସେକଥାକୁ ନେଇ ମୁଁ ଟେନ୍‌ସନ ନେବାକୁ ଚାହୁଁନି।' ଜାହ୍ନବୀ ଏବେ କରନ୍ ଜୋହରଙ୍କ ପିରିଓଡିକାଲ ଫିଲ୍ମ 'ତଖ୍ତ'ରେ ଅଭିନୟ କରୁଛନ୍ତି। ରଣବୀର ସିଂ, ଅନିଲ କପୁର, ଆଲିୟା ଭଟ୍ଟ, କରୀନା କପୁର ଖାଁ, ଭିକି କୌଶଲଙ୍କୁ ନେଇ ନିର୍ମିତ ହେଉଥିବା ଏହି ଫିଲ୍ମଟି ଆସନ୍ତାବର୍ଷ ରିଲିଜ ହେବାର ଯୋଜନା ରହିଛି।




ଶାହରୁଖ-ଆର୍ଯ୍ୟନ

# ସଜବାଜ ହେଉଛନ୍ତି ଆର୍ଯ୍ୟନ

ଆଉ ଜଣେ ଷ୍ଟାର କିଡ୍ ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି। ସେ ହେଲେ କିଙ୍ଗ ଖାଁ ଶାହରୁଖଙ୍କ ପୁଅ ଆର୍ଯ୍ୟନ୍। ଯଦିଓ ଆର୍ଯ୍ୟନ୍ ଚଳଚ୍ଚିତ୍ର ପ୍ରଯୋଜନା ପ୍ରତି ମନ ବଳାଇଛନ୍ତି, ହେଲେ ଶାହରୁଖ ଚାହାନ୍ତି ସେ ତାଙ୍କ ପରି ଅଭିନୟ କରନ୍ତୁ। ଏ ନେଇ ତାଙ୍କୁ ବୁଝାଇବା ପାଇଁ ତତ୍ପର ହୋଇଉଠିଛନ୍ତି ଶାହରୁଖ। ଆର୍ଯ୍ୟନ ଏବେ ଫିଲ୍ମ ମେକିଙ୍ଗ ଏବଂ ସ୍କ୍ରିପ୍ଟ ରାଇଟିଙ୍ଗ କୋର୍ସ କରୁଛନ୍ତି। ସେପଟେ ଶାହରୁଖଙ୍କ ଝିଅ ସୁହାନା ମଧ୍ୟ ଅଭିନୟ କରିବାକୁ ମନ ବଳାଇଛନ୍ତି। ଏଥିପାଇଁ ସେ ଗତ ଦୁଇବର୍ଷ ହେବ ଆକ୍ଟିଂ କୋର୍ସ କରୁଛନ୍ତି। ଆର୍ଯ୍ୟନ୍ ଏବଂ ସୁହାନାଙ୍କ ବିଷୟରେ ଶାହରୁଖ କହନ୍ତି, 'ମୁଁ ଚାହୁଁଛି ଆର୍ଯ୍ୟନ୍ ଏବଂ ସୁହାନା ଉଭୟ ଆକ୍ଟିଂ ପ୍ରତି ମନୋନିବେଶ କରନ୍ତୁ। ତେଣିକି କ'ଣ ହେବ ତାହା ସମୟ ହିଁ କହିବ।' ସେପଟେ ବଲିଉଡ୍‌ରେ ଏଣ୍ଟ୍ରି ପାଇଁ ଆର୍ଯ୍ୟନ୍ ସଜବାଜ ହେଲେଣି। ହେଲେ ସେ ଚଳଚ୍ଚିତ୍ର ପ୍ରଯୋଜନା କରିବେ ନା ଅଭିନୟ କରିବେ ତାହା ଆଗକୁ ଜଣାପଡିବ।

# ସୁଶାନ୍ତଙ୍କ ବଦାନ୍ୟତା



ଦୁହିଁଙ୍କ ଭିତରେ ସିନା ଆଉ ପ୍ରେମ ସମ୍ପର୍କ ନାହିଁ, ହେଲେ ନିଜର ମାନବିକତାକୁ ଏ ଯାଏ ଜଳାଞ୍ଜଳି ଦେଇନାହାନ୍ତି ସୁଶାନ୍ତ ସିଂ ରାଜପୁତ। ହଁ, ନିଜର ଏକ୍ସ-ଲଭର ଅଙ୍କିତା ଲୋଖାଣ୍ଡେଙ୍କ ପାଇଁ ତାଙ୍କ ହୃଦୟ ଏବେ ବି କେତେ ଉଦାର ତାହାର ପ୍ରମାଣ ସେ ନିକଟରେ ଦେଇଛନ୍ତି। କଥା କ'ଣ କି ଐତିହାସିକ ଫିଲ୍ମ 'ମଣିକର୍ଣ୍ଣିକା'ରୁ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରୁଛନ୍ତି ଅଙ୍କିତା। ରାଣୀ ଲକ୍ଷ୍ମୀବାଈଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ଏହି ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି କଙ୍ଗନା ରାଣାଓ୍ୱତ। ହେଲେ ଏଥିରେ ନିଜ ରୋଲ୍‌କୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଅଙ୍କିତା। ନିକଟରେ ସୁଶାନ୍ତ ଇନ୍‌ଷ୍ଟାଗ୍ରାମ୍‌ରେ ଅଙ୍କିତାଙ୍କୁ ଭୂରି ଭୂରି ପ୍ରଶଂସା କରିଥିଲେ। ଏହି ଫିଲ୍ମଟି ତାଙ୍କର କ୍ୟାରିୟର ପାଇଁ ଏକ ମାଇଲଷ୍ଟୋନ୍ ହେବ ଏବଂ ଅଙ୍କିତା ଯେ କୌଣସି ରୋଲ୍ ପାଇଁ ଫିଟ୍ ବୋଲି କହିଥିଲେ ସୁଶାନ୍ତ। ଏହାପରେ ଅଙ୍କିତା ମଧ୍ୟ ତାଙ୍କୁ 'ଥ୍ୟାଙ୍କସ' ଦେବାକୁ ଭୁଲି ନ ଥିଲେ। ସୂଚନାଯୋଗ୍ୟ ମେଗା ହିନ୍ଦୀ ଧାରାବାହିକ 'ପବିତ୍ର ରିସ୍ତା'ରେ ଏହି ଯୋଡି ଅଭିନୟ କରିଥିଲେ। ଦୀର୍ଘ ସାତ ବର୍ଷ ଦୁହିଁଙ୍କ ଭିତରେ ପ୍ରେମ ସମ୍ପର୍କ ଥିଲା ଏବଂ ୨୦୧୬ରେ ଏହାର ପୂର୍ଣ୍ଣଚ୍ଛେଦ ପଡିଥିଲା।

# ଏବେ ନୋ ମ୍ୟାରେଜ

'ମ୍ୟାରେଜ, ପୁଣି ଏବେ ? ବାପରେ ବାପ। ଏ ବିଷୟ ତ ମୁଁ କେବେ ଚିନ୍ତା କରିନି। କେହି ବୋଧହୁଏ ମନରୁ ଫାନ୍ଦି ଏଭଳି ପ୍ରଚାର କରୁଛି।' ଏଭଳି ସଫେଇ ଦେଇ ହାଲିଆ ହୋଇପଡିଲେଣି ପରିଣିତି। ବଲିଉଡ୍‌ରେ ଏବେ ସତେ ଯେମିତି ମ୍ୟାରେଜ ଋତୁ ଚାଲିଛି। ଦୀପିକା-ରଣବୀର ସିଂଙ୍କ ପରେ ପ୍ରିୟଙ୍କା ଚୋପ୍ରା ନିକଟରେ ହାତକୁ ଦି' ହାତ ହୋଇଛନ୍ତି। ଠିକ୍ ଏତିକି ବେଳରୁ ଶୁଣିବାକୁ ମିଳୁଛି ଯେ ପରିଣିତି କୁଆଡେ ବାହା ହେବାକୁ ଗୋଡ ଟେକି ବସିଛନ୍ତି। ସେ ନେଇ ସେ ମାଇଣ୍ଡ ମେକ୍‌ଅପ୍ ମଧ୍ୟ କରିସାରିଲେଣି। ଏସବୁ କଥା ଯେତେବେଳେ ପରିଣିତି ଚୋପ୍ରାଙ୍କ କାନରେ ବାଜିଲା ସେ ରାଗି ନିଆଁବାଣ। କିଛି ସୁରାକ ନ ଥାଇ ଏଭଳି କଥାକୁ ସହଜରେ ହଜମ କରିପାରି ନ ଥିଲେ ସେ। ଶେଷକୁ ବାଧ୍ୟ ହୋଇ ଏ ସମ୍ପର୍କରେ ସଫେଇ ଦେଇଛନ୍ତି ପରିଣିତି। ସେ କହନ୍ତି, 'ସତ କଥା ହେଲା, ଏବେ କ'ଣ ଆଗକୁ ୨-୩ବର୍ଷ ପର୍ଯ୍ୟନ୍ତ ମୋର ମ୍ୟାରେଜ ପ୍ଲାନିଂ ନାହିଁ। ଏ କଥା ମୁଁ କଦାପି ଚିନ୍ତା କରିନାହିଁ। କିଏ କ'ଣ କହିଲା ତାକୁ ନେଇ ଆଦୌ ଚିନ୍ତା ମଧ୍ୟ କରୁନି।'


ପରିଣିତି

# ଲିପ୍ ଲକ୍‌କୁ ନା


ଦୀପିକା

ଦୀପିକା ପାଦୁକୋନ ଆଉ କିସ୍-ଏହା ବର୍ତ୍ତମାନ ବଲିଉଡ୍‌ରେ ଆଲୋଚନାର ଶିରୋନାମା ପାଲଟିଛି। ଏଣିକି ମ୍ୟାରେଜ ପରେ ସେ କୁଆଡେ ଆଉ ଲିପ୍ ଲକ୍ ଶଟ୍ ଦେବେ ନାହିଁ। କୌଣସି ସିନେମା ସାଇନ୍ କରିବା ପୂର୍ବରୁ ଏହାକୁ ସେ ସର୍ବାଗ୍ରେ ଗୁରୁତ୍ୱ ଦେବେ। 'ଏଣିକି କିସ୍ ସିନ୍ ପ୍ରତି ଅଧିକ ସତର୍କ ରହିବି। ଅସଲ କଥା କହିବାକୁ ଗଲେ ଏଭଳି ଶଟ୍ ପାଇଁ କେବେ ହଁ ଭରିବି ନାହିଁ। ଫିଲ୍ମଟିଏ ସାଇନ୍ କରିବା ପୂର୍ବରୁ ମୁଁ ପ୍ରଯୋଜକଙ୍କୁ ମୋ ପଟରୁ ଏ ନେଇ ଜଣେଇ ଦେବି। ତେଣିକି ଯଦି ଅଫରଟି ଏଥିପାଇଁ ହାତରୁ ଖସିଯାଏ ପରବାୟ ନାହିଁ ବୋଲି କହିଛନ୍ତି ଦୀପିକା। ତେବେ ସେ ନିଜ କଥାରେ କେତେ ଦୃଢ଼ ରହୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ସ୍ମୃତିରେ... ୨୦୧୮

ସରି ସରି ଯାଉଛି ସମୟ। ବଢ଼ିବାକୁ ଲାଗିଛି ହୃଦସ୍ପନ୍ଦନ। ଆଉ କେଇ ପାହୁଣ୍ଡ ଅତିକ୍ରାନ୍ତ କଲେ ଆସିଯିବ ନୂଆ ଏକ ବର୍ଷ। ସେଥିପାଇଁ ଆରମ୍ଭ ହୋଇଗଲାଣି ଅନେକ ସମ୍ଭାବନାର ଅଙ୍କ କଷା। ତେବେ ଯାରି ଭିତରେ ବେଳେବେଳେ ପୁରୁଣା ସ୍ମୃତି ସବୁ ଉଙ୍କି ମାରୁଛି...









**ଭଉଣୀ ଭାଇ ଦୁହେଁ ଦୁହିଁଙ୍କ ପାଇଁ**– ଭଉଣୀ ଭାଇର ସମ୍ପର୍କ ଯେତିକି ଆପଣାର ସେତିକି ଗଭୀର। ଏଥିରେ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଯେମିତି ଥାଏ, ମିଠାମିଠା ମାନ ଅଭିମାନ ବି ସେମିତି ଥାଏ। ହେଲେ ପରିସ୍ଥିତି ପଡ଼ିଲେ ଭଉଣୀଭାଇ, ଦୁହେଁ ଦୁହିଁଙ୍କ ପାଇଁ ଗୋଟିଏ ସୂତ୍ରରେ ବାନ୍ଧି ହୋଇ ପରସ୍ପରର ସାହାଭରସା ସାଜିଥାଆନ୍ତି।

**ସେବାୟତ କୁଳରେ କନ୍ୟାସଙ୍କଟ**– ଶ୍ରୀମନ୍ଦିର ସେବାୟତକୁଳରେ ଏବେ କନ୍ୟା ସଙ୍କଟକୁ ନେଇ ଭାଳେଣି ପଡ଼ିଛି। ପୁଅଙ୍କ ତୁଳନାରେ ଝିଅ ସଂଖ୍ୟା ହ୍ରାସ ଏବେ ସେବାୟତ ପରିବାରର ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ଛିଡ଼ା କରାଇଛି।

**ହର୍ବାଲ ହୋଲି**– ରଙ୍ଗର ପର୍ବ ହୋଲିକୁ ସୁନ୍ଦର ଆଉ ସ୍ୱାସ୍ଥ୍ୟପ୍ରଦ କରିବା ଲାଗି ଏବେ ବଢ଼ୁଛି ସଚେତନତା, ଯେଉଁଥିପାଇଁ କେମିକାଲ ରଙ୍ଗ ବଦଳରେ ଏବେ ହର୍ବାଲ ହୋଲିର ଲୋକପ୍ରିୟତା ବଢ଼ିବାରେ ଲାଗିଛି।

ସରିବାକୁ ବସିଥିବା ବର୍ଷ ୨୦୧୮ରେ ଅନେକ କିଛି ନୂଆ ଦେବାର ପ୍ରୟାସ ହୋଇଥିଲା ଧରିତ୍ରୀ ଛୁଟିଦିନରେ। ପ୍ରଚ୍ଛଦପ୍ରସଙ୍ଗର ମନଛୁଆଁ କାହାଣୀଠାରୁ ଆରମ୍ଭ କରି ପ୍ରତିଟି ପୃଷ୍ଠାକୁ ପାଠକଙ୍କ ମନଲାଖି କରିବାର ହୋଇଥିଲା ପ୍ରୟାସ।

**ପ୍ରଚ୍ଛଦପ୍ରସଙ୍ଗ**

**ଆମ ସ୍ୱପ୍ନର ଘର**– ଜୀବଜଗତର ଅନେକ ପ୍ରାଣୀ, ସେ ପକ୍ଷୀ ହୁଅନ୍ତୁ କି କୀଟପତଙ୍ଗ, ମଣିଷଙ୍କ ପରି ସେମାନେ ବି ନିଜ ପାଇଁ ଘର ତୋଳନ୍ତି। ଖାଲି ସେତିକି ନୁହେଁ ସେଇ ଘରକୁ କେବେ ସେ ଇଣ୍ଟେରିୟର୍ ଡିଜାଇନର୍ ସାଜି ସଜାନ୍ତି ତ ଆଉ କେବେ ତା' ମଧ୍ୟରେ ଭରିଦିଅନ୍ତି ଏୟାରକଣ୍ଡିଶନ୍ ଭଳି ସୁବିଧା। କେବେକେବେ ତ ସେହି କୁନି ବସାର ନିର୍ମାଣ ଶୈଳୀ ମଣିଷକୁ କରିଦିଏ ଚକିତ।

**ପ୍ରେମର ପ୍ରତୀକ**–ହୋଇପାରେ ଏହା ବହୁ ପୁରାତନ ପ୍ରାସାଦ। ହେଲେ ଏଠି ଏବେ ବି ବହେ ପ୍ରେମର ମଳୟ ପବନ। ଏହାର କୋଣ ଅନୁକୋଣ ମନେପକାଇଦିଏ କିଛି ଅମର ପ୍ରେମ କାହାଣୀର କଥା।

**ଓଡ଼ିଶାର ବାଲିଦ୍ୱୀପ**– ଭୂଗୋଳ ପୃଷ୍ଠାରେ ଗୋଟିଏ ବିସ୍ମୃତ ତଥା ଅଳ୍ପ ପରିଚିତ ଛୋଟ ଶବ୍ଦ ଉଡାବାଲି। ବଙ୍ଗୋପସାଗର ମଧ୍ୟରେ ଥିବା ଏହା ଏକ ବାଲିଭର୍ତ୍ତି ଦ୍ୱୀପ। ଏହାକୁ କେହି କେହି ଉଡାବାଲି କହୁଥିବା ବେଳେ ଆଉ କେହି ବାଲିଦ୍ୱୀପ ବୋଲି କହିଥାଆନ୍ତି।



**ମୃତ୍ୟୁ ଆତଙ୍କରେ: ବଡ଼ୁଆ- ନରସିଂହପୁର-** ଏଠି ପ୍ରତି ମୁହୂର୍ତ୍ତରେ ମୃତ୍ୟୁର ଆତଙ୍କ। ଆଉ ଆତଙ୍କର ନାଁ କିଡ୍‌ନୀ ରୋଗ, ଯାହା ସର୍ବଦା ଡରାଉଛି ବଡ଼ୁଆ, ନରସିଂହପୁରବାସୀଙ୍କୁ। ଘରେ ଘରେ ଏହି କିଡ୍‌ନୀ ରୋଗର ଆତଙ୍କ।

**ଭୋକିଲା ମୁହଁରେ ହସ-** ବଢ଼ୁଛି ଭୋକିଲା ପେଟର ଯନ୍ତ୍ରଣା ଓ ଖାଦ୍ୟ ନଷ୍ଟର ହାର। ଉତ୍କଟ ହେବାକୁ ଲାଗିଛି ସମସ୍ୟା। ତେବେ ଏହାକୁ ବୁଝିପାରିଛନ୍ତି କେତେଜଣ। ଆଉ କିଛି ରେଷ୍ଟୁରାଣ୍ଟରେ ଖାଦ୍ୟ ମାଗଣା ଦିଆଯିବା ସହ ଆଉ କିଛିରେ ସ୍ଥାପନ ହୋଇଛି ସ୍ୱତନ୍ତ୍ର ରେଫ୍ରିଜରେଟର, ଯେଉଁଥିରେ ରହୁଛି ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟରୁ ସଂଗୃହୀତ ବଳକା ଖାଦ୍ୟ। ଗରିବ ଲୋକେ ଏହାକୁ ଖୋଲି ଖାଇପାରୁଛନ୍ତି ପେଟପୁରା। ଆଉ ଶୁଖିଲା ମୁହଁରେ ଫୁଟିପାରୁଛି ହସ। ସେହିଭଳି 'ନିକିତି', 'ଛୋଟମୁଣ୍ଡ ବଡ଼ କାମ', 'ନିଆରା ମାରାଥନ୍ ରେକର୍ଡ', 'କତା କାରିଗରି', 'ଉପକୂଳ ଦେବୀପୀଠ', 'ଅତୁଟ ଏଇ ସମ୍ପର୍କ', 'ପୁରୁଣା ବହି ବଜାର', 'ଘାଟ', 'ଅଜବ ପରମ୍ପରା', 'ଗୋଲାପ ପସରା' ଭଳି ଅନେକ ପ୍ରଚ୍ଛଦ ପ୍ରସଙ୍ଗ ପାଠକଙ୍କୁ ଭେଟି ଦେଇଥିଲୁ।

**ଲାଇଫଷ୍ଟାଇଲ୍-** ଲାଟେଷ୍ଟ ଫ୍ୟାଶନକୁ ନେଇ ବିଭିନ୍ନ ଉପସ୍ଥାପନା ଥିଲା ଏହି ପୃଷ୍ଠାରେ।

**ବିବିଧା-** ଦେଶ ଦୁନିଆର ଅନେକ ଅଜବ ତଥା ରୋଚକ କଥା ସହ ମଜାଦାର କାର୍ଟୁନକୁ ନେଇ ଏକ ନିଆରା ଅନୁଭୂତି ଦେବାକୁ ପ୍ରୟାସ କରାଯାଇଥିଲା ଉକ୍ତ ପୃଷ୍ଠାରେ।

**ବ୍ୟକ୍ତିତ୍ୱ-** ଦେଶ ଦୁନିଆର ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରେରଣାଦାୟକ ଜୀବନ କାହାଣୀ ଥିଲା ଏହି ପୃଷ୍ଠାରେ।

**ସିନେମା-** ଓଲିଉଡ୍, ବଲିଉଡ୍‌ର ମସାଲାଦାର ଗସିପ୍ ଓ ହଟ୍ ଟପିକ୍ ଥିଲା ଉକ୍ତ ପୃଷ୍ଠାରେ।

**ସାଥୀ/ପ୍ରଥମ ରୋଜଗାର-** ସାଥୀ ଦେଇଥିଲେ ପ୍ରେମପ୍ରଣୟକୁ ନେଇ ପାଠକଙ୍କ ମନରେ ଥିବା ବିଭିନ୍ନ ପ୍ରଶ୍ନର ମଧୁର ଉତ୍ତର। ଆଉ ପ୍ରଥମ ରୋଜଗାର ସ୍ତମ୍ଭ କହୁଥିଲା ବିଶିଷ୍ଟ ବ୍ୟକ୍ତିଙ୍କ କଷ୍ଟ ଉପାର୍ଜିତ ପ୍ରଥମ ଆୟର ଅଭୁଲା ସ୍ମୃତି।

**ମଞ୍ଚମାୟା-** ଏଥର ଯାତ୍ରା ଜଗତର ଅନେକ ରୋଚକ ଓ ମସଲାଦାର କଥାକୁ ନେଇ ଆରମ୍ଭ ହୋଇଥିଲା ମଞ୍ଚମାୟା ନାମକ ସ୍ତମ୍ଭ।

**ସହରଠୁ ଦୂର-** ଉକ୍ତ ପୃଷ୍ଠାରେ ପାଠକଙ୍କୁ ଘରେ ବସି ଦେଶ ବିଦେଶ ଭ୍ରମଣର ମଜା ଦେବାକୁ ପ୍ରୟାସ କରାଯାଇଥିଲା।

**ମଡେଲ ମିରର୍-** ଗ୍ଲାମର୍ସ ମଡେଲଙ୍କ ଫଟୋ ସହ ହାଃ ହାଃର ମଜାଦାର ହସକଥା ଦ୍ୱାରା ପାଠକଙ୍କୁ କିଛି ସମୟ ହାଲ୍‌କା କରିବାର ପ୍ରୟାସ କରାଯାଇଥିଲା ଉକ୍ତ ପୃଷ୍ଠାରେ।


**ବ୍ୟାକ୍‌ପେଜ୍-** ବିଭିନ୍ନ ସ୍ଥାନର ରୋଚକ କଥାକୁ ସାଉଁଟି ଭିନ୍ନ ଏକ ଅନୁଭୂତି ବାଣ୍ଟିବାର ପ୍ରୟାସ ହୋଇଥିଲା ଏଥିରେ।









## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



**ସମାପିକା**

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ

## ହାଃ ହାଃ

### ବ୍ୟାୟାମ

ଡାକ୍ତର–ଦେହ ଭଲ ରହିବା ପାଇଁ ପ୍ରତିଦିନ ବ୍ୟାୟାମ କର।
ରୋଗୀ–ଆଜ୍ଞା, ମୁଁ ତ ପ୍ରତିଦିନ କ୍ରିକେଟ୍ ଓ ଫୁଟବଲ୍ ଖେଳେ।
ଡାକ୍ତର–କେତେ ସମୟ ?
ରୋଗୀ–ମୋବାଇଲର ଚାର୍ଜ ସରିବା ପର୍ଯ୍ୟନ୍ତ।

### ସମାନତା

ରାଜେଶ–ଗର୍ଲଫ୍ରେଣ୍ଡ ଓ ମୋବାଇଲ୍ ଭିତରେ କ'ଣ ସମାନତା ରହିଛି କହିଲୁ ?
ମୋହନ–ବାଲାନ୍ସ ନ ଥିଲେ ଉଭୟେ ଡିସ୍‌କନେକ୍ଟ ହୋଇ ଯାଆନ୍ତି।

### ଚନ୍ଦ୍ରପୃଷ୍ଠ

ଶିକ୍ଷକ–ଚନ୍ଦ୍ରପୃଷ୍ଠରେ ପ୍ରଥମ ପାଦ କାହାର ପଡିଥିଲା ?
ମଣ୍ଟୁ– ନିଲ୍ ଆର୍ମଷ୍ଟ୍ରଙ୍ଗ।
ଶିକ୍ଷକ–ସାବାସ୍। ଆଉ ଦ୍ୱିତୀୟ ପାଦ କାହାର ପଡିଥିଲା ?
ମଣ୍ଟୁ– ନିଶ୍ଚିତଭାବେ ସେଇ ନିଲ୍ ଆର୍ମଷ୍ଟ୍ରଙ୍ଗଙ୍କର। ଆଉ କ'ଣ ସେ ଗୋଟିଏ ପାଦରେ ଛୋଟିପାରା ଖେଳିବାକୁ ଯାଇଥିଲେ ନା କ'ଣ।










# ଖ୍ରୀଷ୍ଟମାସ ଟ୍ରିପ୍

*ଆନନ୍ଦ ଉଲ୍ଲାସର ପର୍ବ ଖ୍ରୀଷ୍ଟମାସ। ରଙ୍ଗିନ ଆଲୋକମାଳାର ସାଜସଜ୍ଜା ସହ ଖ୍ରୀଷ୍ଟମାସ ଟ୍ରି ଓ ସାନ୍ତାକ୍ଲଜ୍‌ର କ୍ରେଜ୍ ଏହି ପର୍ବରେ ଖୁବ୍ ରହିଥାଏ। ତା'ଛଡ଼ା ଏହି ଦିନକୁ ଆହୁରି ଖାସ୍ କରିବା ପାଇଁ ଏବେ ଦେଶର ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରୋଗ୍ରାମର ଆୟୋଜନ କରାଯାଉଥିବା ଦେଖିବାକୁ ମିଳୁଛି। ସେଥିପାଇଁ ତ ଏହି ସମୟରେ ପର୍ଯ୍ୟଟକ ବିଭିନ୍ନ ସ୍ଥାନ ବୁଲିଯିବା ପାଇଁ ଇଚ୍ଛା କରିଥାନ୍ତି...*

ସମୟ ସହ ତାଳ ଦେଇ ଲୋକଙ୍କ ମାନସିକତାରେ ବି ପରିବର୍ତ୍ତନ ଆସିଲାଣି। ପରସ୍ପର ପରସ୍ପରର ସୁଖଦୁଃଖରେ ଭାଗୀ ହେବା ସଙ୍ଗେସଙ୍ଗେ ସମସ୍ତ ପର୍ବପର୍ବାଣିକୁ ବେଶ୍ ଆନନ୍ଦ ଉଲ୍ଲାସରେ ପାଳନ କରୁଥିବା ଦେଖିବାକୁ ମିଳୁଛି। ଏହି ଦୃଷ୍ଟିରୁ ଦେଖିଲେ, ଏବେ ଖ୍ରୀଷ୍ଟମାସ ପର୍ବ ଆଉ କେବଳ ଖ୍ରୀଷ୍ଟ ଧର୍ମାବଲମ୍ବୀ ଲୋକଙ୍କ ମଧ୍ୟରେ ସୀମିତ ହୋଇ ରହିନାହିଁ, ସବୁ ବର୍ଗ ଓ ବୟସର ଲୋକେ ଏହାକୁ ଧୁମ୍‌ଧାମ୍‌ରେ ପାଳନ କରିବାକୁ ଲାଗିଲେଣି। ଏପରି କି ଦେଶ ବିଦେଶରେ ବି ବେଶ୍ ଜାକଜମକରେ ଏହି ପର୍ବକୁ ପାଳନ କରାଯାଉଛି। ଏଠାରେ ସେମିତି କେତୋଟି ସ୍ଥାନ ସମ୍ପର୍କରେ ଉଲ୍ଲେଖ କରାଗଲା, ଯେଉଁଠାରେ ଖ୍ରୀଷ୍ଟମାସ ପର୍ବର କ୍ରେଜ୍ ଯଥେଷ୍ଟ ରହୁଛି...

**ଗୋଆ:** ଯେତେବେଳେ ଖ୍ରୀଷ୍ଟମାସ ଅବସରରେ ଭ୍ରମଣର କଥା ଉଠେ, ସର୍ବପ୍ରଥମେ ଗୋଆ କଥା ମନକୁ ଆସିଥାଏ। କାରଣ ଏଠିକାର ଖ୍ରୀଷ୍ଟମାସ ସେଲିବ୍ରେଶନର ମଜା ହିଁ କିଛି ନିଆରା। ଏଠାରେ ଖ୍ରୀଷ୍ଟ ଧର୍ମାବଲମ୍ବୀ ଲୋକଙ୍କର ସଂଖ୍ୟା ଯଥେଷ୍ଟ ରହିବା ସହ ଚର୍ଚ୍ଚ ଥିବାରୁ ଏହି ପର୍ବକୁ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ। ଚାରିଆଡ଼େ ରଙ୍ଗିନ ଆଲୋକମାଳାର ସାଜସଜ୍ଜା ସାଙ୍ଗକୁ ସମସ୍ତଙ୍କ ମୁହଁରେ ଖୁସିର ଝଲକ ଦେଖିବାକୁ ମିଳିଥାଏ। ତା'ଛଡ଼ା ଏଠାକାର ହୋଟେଲ, ରେଷ୍ଟୁରାଣ୍ଟରେ ହେଉଥିବା ପାର୍ଟି ସମେତ ଗୋଆ ବିଚ୍‌ରେ ପାଳନ କରାଯାଉଥିବା ସ୍ପେଶାଲ ଖ୍ରୀଷ୍ଟମାସ ସେଲିବ୍ରେଶନ ପର୍ଯ୍ୟଟକଙ୍କୁ ଏଠାକୁ ଟାଣି ଆଣିଥାଏ।

**ପୁଡୁଚେରୀ:** ଭାରତର ଲିଟିଲ୍ ଫ୍ରାନ୍ସ ଭାବେ ପରିଚିତ ପୁଡୁଚେରୀ ବା ପଣ୍ଡିଚେରୀ ପାରମ୍ପରିକ ଶୈଳୀରେ ଖ୍ରୀଷ୍ଟମାସ ପାଳନ କରିବା ପାଇଁ ବେଶ୍ ଲୋକପ୍ରିୟ। ଏହି ଅବସରରେ ଏଠାରେ ବହୁତ ସୁନ୍ଦର ଡେକୋରେଶନ ଦେଖିବାକୁ ମିଳିଥାଏ। ଏଠାକାର ଶାନ୍ତ ତଥା ମନୋରମ ସମୁଦ୍ରତଟ ନିକଟରେ ଲୋକେ ଖୁବ୍ ଶାନ୍ତିରେ ଏହି ପର୍ବକୁ ପାଳନ କରିଥାନ୍ତି। ଯେଉଁମାନଙ୍କୁ ହୋ ହାଲା ପସନ୍ଦ ନୁହେଁ ସେମାନେ ଚାହିଁଲେ ଏଠାକୁ ଯାଇ ଖ୍ରୀଷ୍ଟମାସ ଛୁଟି କଟାଇପାରିବେ।

**କେରଳ:** ପୁଡୁଚେରୀ ପରି କେରଳର ସମୁଦ୍ରତଟ ମଧ୍ୟ ଖୁବ୍ ଶାନ୍ତ ଆଉ ଆକର୍ଷଣୀୟ। ଏମିତିରେ ଯଦି ପର୍ଯ୍ୟଟକ ନିଜ ସମ୍ପର୍କୀୟଙ୍କ ସହ ଖ୍ରୀଷ୍ଟମାସ ଛୁଟି କଟାଇବା ପାଇଁ କୁଆଡେ ଯିବାକୁ ଚାହୁଁଥାନ୍ତି, ତା'ହେଲେ କେରଳ ଏଥିପାଇଁ ବେଷ୍ଟ ଅପ୍ସନ ହେବ। ଏଠାରେ ଆଗନ୍ତୁକ ଖ୍ରୀଷ୍ଟମାସ ଅବସରରେ ହେଉଥିବା ମିଡ୍ ନାଇଟ୍ ସେଲିବ୍ରେଶନ ସହ ଖ୍ରୀଷ୍ଟମାସ ପ୍ଲେର ମଜା ନେଇପାରିବେ। ତା'ଛଡ଼ା ଖାଦ୍ୟପ୍ରିୟ ପର୍ଯ୍ୟଟକଙ୍କ ପାଇଁ ଏଠାରେ ବିଭିନ୍ନ ସୁସ୍ୱାଦୁ ଲୋକାଲ ଫୁଡ୍‌ର ବ୍ୟବସ୍ଥା ମଧ୍ୟ ରହିଛି।

**କୋଲକାତା:** ସିଟି ଅଫ୍ ଜୟ ଭାବେ ପ୍ରସିଦ୍ଧ କୋଲକାତା ଖ୍ରୀଷ୍ଟମାସ ଅବସରରେ ଆହୁରି ଚଳଚଞ୍ଚଳ ହୋଇଉଠେ। ପେଷ୍ଟ୍ରି ତଥା ଫ୍ରୁଟ୍ କେକ୍‌ର ବାସ୍ନା ସାଙ୍ଗକୁ ପୂରା ସହର ଖ୍ରୀଷ୍ଟମାସ ଡେକୋରେଶନରେ ଏମିତି ସଜେଇ ହୋଇଥାଏ ଯେ, ପର୍ଯ୍ୟଟକ ଆକର୍ଷିତ ହୋଇଯାନ୍ତି। ଏଠାରେ ପାଳିତ ହେଉଥିବା ମିଡ୍ ନାଇଟ୍ ସେଲିବ୍ରେଶନ, ଲାଇଟ୍ ଆଣ୍ଡ ସାଉଣ୍ଡ ଏକ୍‌ଜିବିଶନ ତଥା ରକ୍ ମ୍ୟୁଜିକ୍ ଆଦି ସମସ୍ତଙ୍କୁ ଏକ ନିଆରା ଆନନ୍ଦ ଦେଇଥାଏ।

**ଶିଲଂ:** ମେଘାଳୟର ରାଜଧାନୀ ଶିଲଂରେ ବି ଖ୍ରୀଷ୍ଟମାସ ସେଲିବ୍ରେଶନ ଏକ ନିଆରା ଅନୁଭୂତି ଦେଇଥାଏ ପର୍ଯ୍ୟଟକଙ୍କୁ। ଏଠାକାର ଚର୍ଚ୍ଚଗୁଡ଼ିକୁ ରଙ୍ଗିନ ଆଲୋକମାଳାରେ ସଜାଇବା ଦୃଶ୍ୟ ବେଶ୍ ଆକର୍ଷଣୀୟ ଲାଗେ। ତା'ଛଡ଼ା ସହରର ବିଭିନ୍ନ ସ୍ଥାନରେ ଖ୍ରୀଷ୍ଟମାସ ଟ୍ରି ରଖାଯାଇ ଛୋଟ ଛୋଟ ପିଲାଙ୍କୁ ସାନ୍ତାକ୍ଲଜ୍ ବେଶରେ ସଜାଇ ସ୍ଥାନୀୟ ଲୋକେ ଏହି ପର୍ବକୁ ପାଳନ କରିଥାନ୍ତି। ଖାଇବା ପିଇବାର ବି ବେଶ୍ ଆସର ଜମେ ଏହି ସମୟରେ। ଖାସ୍ ଏଥିପାଇଁ ଅନେକ ଲୋକ ଏଠାକୁ ଆସିଥାନ୍ତି।

ତେବେ କେବଳ ଏତିକି ନୁହେଁ, ଦେଶରେ ଆହୁରି ଏମିତି ଅନେକ ସ୍ଥାନ ଅଛି, ଯେଉଁଠାରେ ପର୍ଯ୍ୟଟକ ଖ୍ରୀଷ୍ଟମାସ ସେଲିବ୍ରେଶନର ମଜା ନେଇପାରିବେ।















# ଟିକେ ଖୁସି ଦେବା ପାଇଁ..

ସାନ୍ତାକ୍ଲଜ୍, ପିଲାମାନଙ୍କର ବେଶ୍ ପ୍ରିୟ। ବଡ଼ଦିନ ପାଖେଇ ଆସିଲେ ତାଙ୍କଠୁ ଉପହାର ପାଇବାର ସ୍ୱପ୍ନ ସବୁ ପିଲାଙ୍କ ମନରେ ରହିଥାଏ। ସେଇଥିପାଇଁ ତ ୨୦୧୬ଠାରୁ 'ଦି ହାର୍ଟ ପ୍ରୋଜେକ୍ଟ' ନାମକ ସଂସ୍ଥା ବିଭିନ୍ନ ଡାକ୍ତରଖାନା ଯାଇ ବଞ୍ଚିବାର ଆଶା ନ ଥିବା ପିଲାଙ୍କୁ ଟିକେ ଖୁସି ଦେବା ଲାଗି ଜଣେ ବ୍ୟକ୍ତିଙ୍କୁ ସାନ୍ତାକ୍ଲଜ୍ ସଜାଇ ସେହି ପିଲାଙ୍କ ସହ ଫଟୋଶୁଟ୍ କରାଉଛନ୍ତି, ଯାହାକି ପିଲାଙ୍କୁ ଦେଇଥାଏ ଅପାର ଆନନ୍ଦ। କିଛି ସମୟ ପାଇଁ ସେମାନେ ରୋଗଯନ୍ତ୍ରଣାକୁ ଭୁଲି ସ୍ୱପ୍ନର ଦୁନିଆରେ ହଜିଯାଆନ୍ତି। ମେଲବର୍ନର ଏକ ଡାକ୍ତରଖାନାରେ ଆରମ୍ଭ ହୋଇଥିବା ଏହି ଅଭିଯାନ ଏବେ ବହୁ ପ୍ରସାରିତ ହୋଇଗଲାଣି। ଚଳିତବର୍ଷ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, କାନାଡା, ଇଂଲଣ୍ଡର ଅନେକ ଡାକ୍ତରଖାନାରେ ଏଭଳି ଫଟୋଶୁଟ୍ କରାଯାଇଛି। ହାର୍ଟ ପ୍ରୋଜେକ୍ଟର କୋ-ଫାଉଣ୍ଡର ତଥା ଷ୍ଟୋରି ଆର୍ଟ କ୍ରିଏଟର କାରେନ୍ ଆଲଶପ୍ କହନ୍ତି, 'ଶୁଟ୍ କରୁଥିବା ପିଲାଙ୍କ ମଧ୍ୟରେ ଅନେକେ ଏମିତି ଥିଲେ, ଯେଉଁମାନେ କ୍ରିସ୍‌ମାସ ପର୍ଯ୍ୟନ୍ତ ଜୀବିତ ରହିବା ସମ୍ଭବ ନୁହେଁ। କିଛି ମା'ବାପାଙ୍କ ଆଖିରୁ ତ ଲୁହ ଗଡି ଯାଉଥିଲା। କାରଣ ତାହା ଥିଲା ସେମାନଙ୍କ ପାଇଁ ଶେଷ ଫ୍ୟାମିଲି ଫଟୋ। ଏମିତି ପରିବେଶ ଭିତରେ ସେହି କୁନି କୁନି ପିଲାଙ୍କ ମୁହଁରେ ହସ ଫୁଟାଇବାର ପ୍ରୟାସ ଥିଲା ଭାରି କଷ୍ଟକର। ତଥାପି ଚେଷ୍ଟା କରିଥିଲୁ। ଆଉ ସେମାନଙ୍କ ମୁହଁରେ ଟେନାଏ ହସ ଫୁଟାଇଥିଲୁ।'

## କାର୍ଟୁନ କର୍ନର



# ସଙ୍ଗୀତ ସାଥୀ – ବାବୁ ଝିଲ୍ଲୀ

ଜଣଙ୍କ ନାଁ ବାବୁ। ଆଉ ଜଣଙ୍କ ନାଁ ଝିଲ୍ଲୀ। ବାବୁ-ଝିଲ୍ଲୀ ପରସ୍ପରର ପରିପୂରକ। ଜଣେ ଆଉ ଜଣକୁ ଛାଡ଼ି ଅଧୁରା। ସେମାନେ ସାତଜନ୍ମ ପାଇଁ ଜୀବନ ସାଥୀ। କେବଳ ସେତିକି ନୁହେଁ, ସେମାନେ ସାଥିହୋଇ ସଙ୍ଗୀତକୁ ମଧ୍ୟ 'ସାଥୀ' କରିଛନ୍ତି। ଏହି ସଙ୍ଗୀତ ସାଥୀ ଏବେ ସାତସୁରର ରଙ୍ଗରେ ରଙ୍ଗିନ କରୁଛନ୍ତି ଯାତ୍ରା ରଙ୍ଗମହଲକୁ। ବାବୁଙ୍କର



ମୂଳନାମ ମୁରଲୀଧର ସାହୁ। ତେବେ ସେ ବାବୁ ନାମରେ ହିଁ ଯାତ୍ରାଜଗତରେ ପରିଚିତ। ଝିଲ୍ଲୀଙ୍କ ସମ୍ପୂର୍ଣ୍ଣ ନାମ ଝିଲ୍ଲୀଲତା ସାହୁ। ସେ ମଧ୍ୟ କେବଳ ଝିଲ୍ଲୀ ଭାବରେ ପରିଚିତା। ବାବୁଙ୍କ ଘର ମାହାଙ୍ଗା ହୋଇଥିବା ବେଳେ ଚଣ୍ଡିଖୋଲର ଝିଅ ହେଉଛନ୍ତି ଝିଲ୍ଲୀ। ବାବୁ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ। ସେ ଗୀତ ଗାଇବା ସହିତ ତବଲା, ଅକ୍ଟୋପ୍ୟାଡ୍ ତଥା ଅର୍ଗାନ୍ ଭଳି କିଛି ଇନ୍ଷ୍ଟ୍ରୁମେଣ୍ଟ ମଧ୍ୟ ବଜେଇ ପାରନ୍ତି। ଯାତ୍ରାକୁ ଆସିବା ପୂର୍ବରୁ 'ନାଇଟ୍ କିଂ' ନାମକ ଏକ ଅର୍କେଷ୍ଟ୍ରାରେ ଗୀତ ଗାଉଥିଲେ। ଝିଲ୍ଲୀ ଜଣେ ତାଲିମପ୍ରାପ୍ତ ଗାୟିକା। ଦୁହିଙ୍କର ଭେଟ ହୁଏ ଅର୍କେଷ୍ଟ୍ରାରେ। ଆଉ ସଙ୍ଗୀତ ସେମାନଙ୍କୁ ବାନ୍ଧିଦିଏ ସାତଜନ୍ମ ପାଇଁ। ଉଭୟ ପ୍ରଥମେ ପାର୍ବତୀ ଗଣନାଟ୍ୟରେ ଯୋଗଦିଅନ୍ତି। ପରେ ପରେ ତ୍ରିନାଥ ଏବଂ ଏବେ ରଙ୍ଗମହଲରେ ସେମାନଙ୍କର ସଙ୍ଗୀତ ଯାତ୍ରା ଜାରି ରଖିଛନ୍ତି। ୨୦୧୪ରୁ ଆରମ୍ଭ କରିଥିବା ଏହି ସଙ୍ଗୀତ ଯାତ୍ରାରେ ସେମାନେ ବହୁ ନାଟକ ପାଇଁ କଣ୍ଠଦାନ କରିସାରିଛନ୍ତି। ଶୀର୍ଷକ ସଂଗୀତ ହେଉ କି ରୋମାଣ୍ଟିକ୍, ସବୁଥିରେ କମ୍ଫର୍ଟେବଲ ଏହି କପଲ୍। ସେମାନେ କଣ୍ଠଦାନ କରିଥିବା ଯାତ୍ରା ନାଟକଗୁଡ଼ିକ ମଧ୍ୟରେ ରହିଛି ବାଇଶି ପାହାଚ, ନିତି ଶେଯ ପାରେ ତୋ ନାଁରେ, ରଙ୍ଗ ଲଗେଇଛି ରଙ୍ଗବତୀ, ସୁନା କଣ୍ଢେଇ, ଏମିତି ନାରୀକୁ ଦୂରୁ ଜୁହାର, ଅଧେ ତୋର ଅଧେ ମୋର, ସବୁ ମାୟାରେ ବାୟା ଏବଂ ଆହୁରି ଅନେକ।

# ସ୍ୱପ୍ନ ଓ ଆଧ୍ୟାତ୍ମିକତା ମୋର ପୁଞ୍ଜି

ସ୍ୱପ୍ନ ଦେଖିବା ସହଜ। ମାତ୍ର ସ୍ୱପ୍ନକୁ ପୂରା କରିବା ଆଦୌ ସହଜ ନୁହେଁ। ସେଥିପାଇଁ କଣ୍ଟାରେ ଚାଲିବାକୁ ପଡ଼େ। ନିଆଁରେ ଗାଧୋଇବାକୁ ହୁଏ। ତା'ପରେ ଯାଇ ଠିଆହୁଏ ସ୍ୱପ୍ନର ସାମ୍ରାଜ୍ୟ। ଯାତ୍ରା ଜଗତର ସୁନାମଧନ୍ୟ ନିର୍ଦ୍ଦେଶକ ତାପସ ସ୍ୱାଇଁ ଆଜି ଯେଉଁ ସଫଳତାର ସାମ୍ରାଜ୍ୟ ଠିଆ କରିଛନ୍ତି, ତା'ପଛରେ ରହିଛି ଅନେକ ସଂଘର୍ଷ ଆଉ ସଂଘାତର କାହାଣୀ। ଭଦ୍ରକ କଲେଜରେ ପଢୁଥିଲେ। ଖୁବ୍ ଭଲ ଷ୍ଟୁଡେଣ୍ଟ ଥିଲେ। ବାପା ଚାହୁଁଥିଲେ, ପୁଅ ଚାକିରି କରୁ। ବାବୁ ହେଉ। ହେଲେ ତାପସଙ୍କ ଉଦ୍ଦେଶ୍ୟ ଥିଲା ଭିନ୍ନ। ତାଙ୍କର ଇଚ୍ଛା ଥିଲା ସେ ନିର୍ଦ୍ଦେଶକ ହେବେ। ସିନେମା ଆଉ ଯାତ୍ରାର ନିର୍ଦ୍ଦେଶକ। ତାପସଙ୍କ କଥା ଶୁଣି ବାପା ଚମକି ପଡ଼ିଲେ। ରୋକ୍ଠୋକ୍ ଜଣେଇଦେଲେ– ତୁ ଆଉ ଯାହା ହଉଛୁ ହ'। କିନ୍ତୁ କଳାକାର ନୁହେଁ। ତୁ ବେକାର ହେଇଯିବୁ। ତୋ ଜୀବନ ବରବାଦ ହେଇଯିବ। ତାପସ କ'ଣ କରିବେ କିଛି ବୁଝିପାରୁ ନ ଥିଲେ। ଏକପ୍ରକାର ହତାଶ ହୋଇପଡ଼ିଥିଲେ। କାରଣ ପରିବାର ବିରୋଧରେ ଯିବା ସମ୍ଭବ ନ ଥିଲା। ଦିନେ ଏକ ନ କରିବା କାମ କଲେ। ବାପାଙ୍କ ପକେଟ୍ରୁ ଚାରିଶହ ଟଙ୍କା ଚୋରିକରି ହାଇଦ୍ରାବାଦ ପଳେଇଗଲେ। ସେଠି ବା ତାଙ୍କୁ କିଏ କାମ ଦିଅନ୍ତା। ବହୁ କଷ୍ଟକରି ଓଳିଏ ଖାଇ ଓଳିଏ ଉପାସ ରହି ବଞ୍ଚିବାର ସଂଘର୍ଷ ଚଳାଇଲେ। କିଛିଦିନ ସିକ୍ୟୁରିଟି ଭାବରେ କାମ କଲେ। କିଛିଦିନ ସୁପରଭାଇଜର ହୋଇ ରହିଲେ। ପୁଅର ଏଭଳି ଅବସ୍ଥା ଦେଖି ବାପାଙ୍କ ମନ ତରଳିଗଲା। ବାପା ଯାଇ ପହଞ୍ଚିଲେ ତାଙ୍କ ପାଖରେ ଆଉ କହିଲେ: ତୁ ତୋର ସ୍ୱପ୍ନକୁ ପୂରଣ କର। ମୁଁ ପ୍ରତିବାଦ କରିବିନି। ହେଲେ ହାଇଦ୍ରାବାଦରୁ ଫେରିଆ। ବାପାଙ୍କ କଥା ମାନି ତାପସ ଫେରିଲେ ଘରକୁ। ବାପା ତାଙ୍କ ନାମକୁ ସଂଗୀତ ମହାବିଦ୍ୟାଳୟରେ ଲେଖେଇଦେଲେ। ସଂଗୀତ ମହାବିଦ୍ୟାଳୟରେ ପଢ଼ିବା ସହିତ ବିଭିନ୍ନ ସିନେମା ତଥା ସିରିଏଲ୍ର ସହକାରୀ ନିର୍ଦ୍ଦେଶକ ଭାବରେ କାମ କଲେ। ପରେ ଆସିଲେ ଯାତ୍ରାକୁ। କାରଣ



ତାପସ ସ୍ୱାଇଁ

ସିନେମା ଓ ସିରିଏଲ୍ରେ ସେତେବେଳେ (ଏବେ ମଧ୍ୟ) ସେତେବେଶି କାମ ନ ଥିଲା। କିନ୍ତୁ ତାପସଙ୍କୁ ତାଙ୍କର ସ୍ୱପ୍ନ ପୂରଣ କରିବାର ଥିଲା।

– ଆଉ ଏକ ଘଟଣା ଘଟିଥିଲା ୨୦୧୪ ମସିହାରେ, ଯାହା ତାପସଙ୍କ ମନୋବଳକୁ ଦୋହଲେଇ ଦେଇଥିଲା। ମାତ୍ର ଈଶ୍ୱର ତଥା ଆଧ୍ୟାତ୍ମିକ ବିଶ୍ୱାସ ତାଙ୍କୁ ପୁଣିଥରେ ଛିଡ଼ାହେବାକୁ ସାହସ ଯୋଗାଇଥିଲା। ୨୦୧୪ ଅଗଷ୍ଟ ୭ ତାରିଖ। ସେ ବାଣେଶ୍ୱରୀ ଗଣନାଟ୍ୟରେ ତାଙ୍କ ନିର୍ଦ୍ଦେଶିତ ନାଟକ 'ଗୋଲାପୀ ଦିଦି'ର ଓପ୍ନିଂ ସାରି ଛତିଆରୁ ଫେରୁଥାନ୍ତି। କି ଯୋଗ ଥିଲା କେଜାଣି? ଦୁର୍ଘଟଣାର ଶିକାର ହେଲେ। ତାଙ୍କ ଗୋଡ଼ ଭାଙ୍ଗିଗଲା। ଆଣ୍ଠୁ ବୁଲିଗଲା। ପାଦ ସମ୍ପୂର୍ଣ୍ଣ ଭାବରେ ଅକାମୀ ହୋଇପଡ଼ିଲା। ମେଡିକାଲରେ ଭର୍ତ୍ତି ହେଲେ। ଗୋଡ଼ ଯୋଡ଼ିହେବ କି ନା ସେ ଆଶା ନ ଥିଲା। ସବୁକିଛି ସେ ଭଗବାନଙ୍କ ଉପରେ ଛାଡ଼ିଦେଇଥାନ୍ତି। ମାନସିକ ଚିନ୍ତା ଘାରୁଥାଏ। ଯଦି ଗୋଡ଼ ହରେଇବେ, ତା'ହେଲେ ଆଉ କେମିତି ମଞ୍ଚକୁ ଯିବେ? ତାଙ୍କର ଆଧ୍ୟାତ୍ମିକ ଗୁରୁ ବାବା ବଳିଆଙ୍କୁ ସ୍ମରଣ କରୁଥାନ୍ତି। ବାବା ମଧ୍ୟ ଦିନେ ଦୁଇଦିନରେ ଥରେ ତାଙ୍କୁ ଫୋନ୍କରି ମନୋବଳ ଦେଉଥାନ୍ତି। ବେଶ୍ କିଛି ମାସ ପରେ ସେ ସୁସ୍ଥ ହେଲେ। ଭାବିଥିଲେ, ବୋଧହୁଏ ଗୋଡ଼ଟି ଆଗଭଳି କାମ ଦବନି। ମାତ୍ର ନା, ବାବାଙ୍କ ଶୁଭେଚ୍ଛାରୁ ସେ ପୁଣିଥରେ ସୁସ୍ଥ ହେଲେ।

ତାପସ କହନ୍ତି, ମୋ ଜୀବନର ସବୁଠୁ ବଡ଼ ପୁଞ୍ଜି ହେଉଛି ସ୍ୱପ୍ନ ଆଉ ଆଧ୍ୟାତ୍ମିକତା। ଯେତେବେଳେ ବି ବିପଦ ଆସିଛି ସେଇ ଆଧ୍ୟାତ୍ମିକ ଗୁରୁଙ୍କର ପ୍ରେରଣା ଓ ଉତ୍ସାହକୁ ପୁଞ୍ଜିକରି ସେ ତାକୁ ପାର କରିଛନ୍ତି।

# ସଙ୍ଗୀତଜ୍ଞଙ୍କ ଶେଷ ଇଚ୍ଛା

ପ୍ରସିଦ୍ଧ ସଙ୍ଗୀତଜ୍ଞ ଗିଟାରିଷ୍ଟ ଜନ୍ ଗ୍ରାହମ। ଗିଟାର ତାଙ୍କର ଅତି ପ୍ରିୟ ଥିଲା। ସେ ଗିଟାରକୁ ଏପରି ଭଲ ପାଉଥିଲେ ଯେ, ମୃତ୍ୟୁ ପରେ ମଧ୍ୟ ତାହାକୁ ପାଖରେ ରଖିବାକୁ ଚାହିଁଥିଲେ। ମୃତ୍ୟୁ ପରେ ତାଙ୍କ ପାଖରୁ ଏକ 'ମୃତ୍ୟୁଲେଖ' ମିଳିଥିଲା। ଏଥିରେ ସେ ଲେଖିଥିଲେ, ତାଙ୍କ ପାଇଁ ଗିଟାର ଆକୃତିର ଏକ କଫିନ୍ ତିଆରି ହେବ। ଆଉ ସେହି ଗିଟାର-କଫିନ୍ରେ ହିଁ ତାଙ୍କୁ କବର ଦିଆଯିବ। ତାହା ମଧ୍ୟ ହୋଇଥିଲା। ତାଙ୍କ ପାଇଁ ତିଆରି ହୋଇଥିଲା ୧୨ଫୁଟ ଲମ୍ବର ଏକ



ଗିଟାର ଆକୃତିର କଫିନ୍। ଆଉ ତାହାରି ଭିତରେ ଶୁଏଇ ଦିଆଯାଇଥିଲା ସଂଗୀତଜ୍ଞ ଜନ୍ ଗ୍ରାହମଙ୍କୁ। ସମଗ୍ର ଜୀବନକାଳ ଗିଟାର ସହିତ ବିତେଇଥିବା ଜନ୍ଙ୍କ କ୍ୟାରିୟର ଆରମ୍ଭ ହୋଇଥିଲା ୧୯୬୦ ମସିହାରେ। ଏହି ବର୍ଷ ସେ ଯୋଗଦେଇଥିଲେ ବ୍ରିଟିଶ୍ ବ୍ୟାଣ୍ଡ 'ଦି ର୍ୟାମ୍ରଡ୍ସ'ରେ। ଆଉ ପଛକୁ ଫେରି ଚାହିଁବାର ଆବଶ୍ୟକତା ପଡ଼ି ନ ଥିଲା। ୨୦୧୨ରେ ତାଙ୍କର ଦେହାନ୍ତ ଘଟିଥିଲା।

ବ୍ୟାକ୍ ପେଜ୍









# ପରୀକଥା ପରି ଘୋଡ଼ା

ଦୁର୍ଗ ଉପରେ ବନ୍ଦୀ ଥିବା ରାଜକୁମାରୀଙ୍କୁ ରାଜକୁମାର ଆସନ୍ତି ଉଦ୍ଧାର କରିବାକୁ। ହେଲେ ଉପରକୁ ଯିବା ପାଇଁ କୌଣସି ସାଧନ ନ ଥିବାରୁ ରାଜକୁମାରୀ ନିଜର ଘନ ଲମ୍ବ କେଶକୁ ଝରକା ପଟୁ ବାହାରକୁ ଲମ୍ବାଇ ଦିଅନ୍ତି। ଆଉ ରାଜକୁମାର ତାକୁ ଧରି ଉପରକୁ ଚଢି ରାଜକୁମାରୀଙ୍କୁ ଉଦ୍ଧାର କରନ୍ତି। ସେମିତି ଲମ୍ବା କେଶର କଥା ଆମେ କହିବାକୁ ଯାଉଛୁ। ହେଲେ ଏଠାରେ କୌଣସି ନାରୀଙ୍କ ଲମ୍ବା କେଶ କଥା ନୁହେଁ ବରଂ ଏକ ଘୋଡାର ଲମ୍ବା କେଶ କଥା କହିବୁ। ତା'ର କେଶ ଏତେ ଲମ୍ବା ଓ ସୁନ୍ଦର ଯେ, ସେ ପରୀ କଥାର ଘୋଡା ପରି ଲାଗେ। ହାଫଲିଙ୍ଗର ପ୍ରଜାତିର ଉକ୍ତ ଘୋଡାର ନାମ ହେଉଛି 'ଷ୍ଟର୍ମ'। ଘୋଡାଟି ଯେତିକି ସୁନ୍ଦର ତା'ର କେଶ ତାଠୁ ବେଶି ସୁନ୍ଦର। ସେ ଦୌଡିବାବେଳେ ଧଳା ରଙ୍ଗର ଲମ୍ବା କେଶ ଯେବେ ଉଡେ ଲାଗେ ବେଶ୍ ଚମତ୍କାର। ନେଦରଲାଣ୍ଡସ୍‌ର ଲିମ୍‌ବର୍ଗରେ ୨୪ ବର୍ଷୀୟା ମାଲିକାଣୀ ନାଓମୀ ବେକର୍ସଙ୍କ ସହ ରୁହେ ଷ୍ଟର୍ମ। ଦୀର୍ଘ ୬ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କେଶ ନ କାଟି ଏବେ ତାହା ୧ ମିଟରରୁ ଉର୍ଦ୍ଧ୍ୱ ହୋଇଯାଇଛି। ଫଟୋଗ୍ରାଫର ପ୍ରିସିଲିଆ ଗିଜସ୍‌ବର୍ଟସ୍ ଷ୍ଟର୍ମର କେଶ ପ୍ରତି ଆକୃଷ୍ଟ ହୋଇ ମାଲିକାଣୀ ନାଓମୀଙ୍କ ସହ ସୁନ୍ଦର ଫଟୋଶୁଟ୍ କରାଇଥିଲେ। ଆଉ ତାହା ଥିଲା ବେଶ୍ ଚମତ୍କାର। ସୋସିଆଲ୍ ମିଡିଆରେ ବି ଏହାକୁ ବହୁତ ପସନ୍ଦ କରାଗଲା।

# ରୋଗୀ ଚଳାଇବେ ରୋବୋ

ରେଷ୍ଟୁରାଣ୍ଟ, ହୋଟେଲ ଆଦିରେ ରୋବୋ ୱେଟର୍ ରହିବା ଏବେ ଏକ ନୂଆ କନସେପ୍ଟ ହୋଇ ରହିନାହିଁ। ନେପାଳର ନାଉଲୋ ରେଷ୍ଟୁରାଣ୍ଟରେ ତ 'ଜିଞ୍ଜର୍ସ' ନାମକ ତିନୋଟି ରୋବୋ ୱେଟର୍ ଅଛନ୍ତି। ତେବେ ଜାପାନର ରାଜଧାନୀ ଟୋକିଓରେ ଖୋଲିଥିବା 'ଡନ୍ ଭର୍ ବେଟା' କାଫେ କିଛି ଭିନ୍ନ। ଏଠାରେ ବି ରୋବୋ ୱେଟର୍ କାମ କରୁଛନ୍ତି। ହେଲେ ଏହି ରୋବୋଗୁଡିକ ପରିଚାଳିତ ହୁଅନ୍ତି ପକ୍ଷାଘାତରେ ଆକ୍ରାନ୍ତ ତଥା ବିଛଣାଗ୍ରସ୍ତ ଭିନ୍ନକ୍ଷମମାନଙ୍କ ଦ୍ୱାରା। ସେମାନେ ଶୋଇ ରହି ସ୍ୱତନ୍ତ୍ର କମ୍ପ୍ୟୁଟର ସାହାଯ୍ୟରେ ରୋବୋଙ୍କୁ କାମ କରାଇ ପରୋକ୍ଷଭାବେ ୱେଟର କାମ କରୁଛନ୍ତି। ଉକ୍ତ ରେଷ୍ଟୁରାଣ୍ଟର ଏଭଳି ପଦକ୍ଷେପ ପାଇଁ ବର୍ତ୍ତମାନ ୧୦ ଜଣ ପକ୍ଷାଘାତ ତଥା ଆମ୍ୟୋଟ୍ରୋଫିକ୍ ଲାଟେରାଲ ସ୍କ୍ଲେରୋସିସ୍ ଏବଂ ଅନ୍ୟ ମେରୁଦଣ୍ଡ ଆଘାତଜନିତ ରୋଗୀ ଚାକିରି କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ସେମାନେ ଓର୍‌ଲି ଲାବର ୪ ଫୁଟ ଉଚ୍ଚତାବିଶିଷ୍ଟ ଓରିହାଇମ୍-ଡି ନାମକ ରୋବୋକୁ ରିମୋଟ୍ ଦ୍ୱାରା ପରିଚାଳିତ କରୁଛନ୍ତି। ଏଥିରେ ଥିବା କିଛି ସ୍ୱତନ୍ତ୍ର କମ୍ପ୍ୟୁଟର ଶଯ୍ୟାଗ୍ରସ୍ତ ରୋଗୀଙ୍କ ଆଖିର ଗତିକୁ ଟ୍ରାକ୍ କରି ରୋବୋଗୁଡିକୁ ନିୟନ୍ତ୍ରିତ କରିଥାଆନ୍ତି। ଏହି ମାଧ୍ୟମରେ ପକ୍ଷାଘାତ ରୋଗୀମାନେ ରୋବୋଗୁଡିକୁ ଗତିଶୀଳ କରାଇବା ସହ ଜିନିଷ ଉଠାଇବା ଓ ଗ୍ରାହକଙ୍କ ସହ କଥା ହେବାକୁ ନିର୍ଦ୍ଦେଶ ଦିଅନ୍ତି। ଆଉ ଶରୀର ନ ହଲାଇ ବି ଘଣ୍ଟା ପ୍ରତି ୯ ଡଲାର୍ ରୋଜଗାର କରନ୍ତି।





